ଆମ ଭାଷାର ଉଲ୍ଲାସ

ପ୍ରତିଭାସ

ପ୍ରଥମ ବର୍ଷ ❀ ପ୍ରଥମ ସଂଖ୍ୟା ଜାନୁୟାରୀ - ମାର୍ଚ୍ଚ, ୨୦୨୬

ମକର ବିଶେଷାଙ୍କ



ସମ୍ବାଦ ସାହିତ୍ୟ ଘର
ସାଉଥବଲଣ୍ଡା ଶାଖା

ସମ୍ବାଦ ସାହିତ୍ୟ ଘର, ସାଉଥବଲଣ୍ଡା ଶାଖା ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଇ-ପତ୍ରିକା

ଆମ ଭାଷାର ଉଲ୍ଲାସ

ପ୍ରତିଭାସ

ପ୍ରଥମ ବର୍ଷ ❋ ପ୍ରଥମ ସଂଖ୍ୟା ❋ ଜାନୁୟାରୀ-ମାର୍ଚ୍ଚ ୨୦୨୬

ସମ୍ବାଦ ସାହିତ୍ୟ ଘର, ସାଉଥବଲଣ୍ଡା ଶାଖା ଆନୁକୂଲ୍ୟରେ
ପ୍ରକାଶିତ ତ୍ରୈମାସିକ ଇ-ପତ୍ରିକା

ସଂପାଦକମଣ୍ଡଳୀ

ଡ. ପ୍ରଶାନ୍ତ କୁମାର ରଥ
ବିଭୂତି ଭୂଷଣ ସ୍ୱାଇଁ
ତ୍ରିନାଥ ସାହୁ

ପ୍ରକାଶକ

ସମ୍ବାଦ ସାହିତ୍ୟଘର, ସାଉଥବଲଣ୍ଡା

ସମ୍ବାଦ ସାହିତ୍ୟ ଘର,ସାଉଥବଲଣ୍ଡାର

କାର୍ଯ୍ୟକର୍ତ୍ତା

ଉପଦେଷ୍ଟା ମଣ୍ଡଳୀ

ଶ୍ରୀଯୁକ୍ତ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ

ଦିଗାମ୍ବର ଗଡ଼ନାୟକ

ଇଂ.ନିରଞ୍ଜନ ଜେନା

ଅନୀତା ପାଣି

ସଭାପତି

ବିଭୂତି ଭୂଷଣ ସ୍ୱାଇଁ

ଉପସଭାପତି

ସୁଶୀଲ କୁମାର ପ୍ରଧାନ

ସମ୍ପାଦକ

ତ୍ରିନାଥ ସାହୁ

ସଂଗଠନ ସଂପାଦକ

ପତିତପାବନ ପ୍ରଧାନ

ଯୁଗ୍ମ ସମ୍ପାଦକ

ହରିହର ଭୂକ୍ତା

କୋଷାଧ୍ୟକ୍ଷ

ଅରୁଣ କୁମାର ରାଉତ

ସମୀକ୍ଷକ

ଡ.ଦୀପକ କୁମାର ପ୍ରଧାନ

କାର୍ଯ୍ୟକାରିଣୀ ସଦସ୍ୟ

ରଙ୍ଗାଧର ନାୟକ

ଅରୁଣ ଗଡ଼ନାୟକ

ତ୍ରେତାନନ୍ଦ ସାମନ୍ତ

ହାଡ଼ିବନ୍ଧୁ ପ୍ରଧାନ

ଅଜୟ କୁମାର ଶତପଥୀ

କ୍ଷୀରୋଦ ଚନ୍ଦ୍ର ସାହୁ

ସଂଯୋଜକ

ବିକାଶ ଚନ୍ଦ୍ର ସାହୁ, ତାଳଚେର

ବସନ୍ତ କୁମାର ନାୟକ, ଗୋପାଳପ୍ରସାଦ

ସୂଚୀପତ୍ର

କ୍ର.ନଂ	ବିଷୟ	ଲେଖକ/ଲେଖିକାଙ୍କ ନାମ	ପୃଷ୍ଠା
୦୧.	ସଂପାଦକୀୟ	ସଂପାଦନା ମଣ୍ଡଳୀ	୦୪
୦୨.	ଯୁଗ ପ୍ରବର୍ତ୍ତକ ଫକୀରମୋହନ	ଡ.ଧରଣୀଧର ନାଥ	୦୭
୦୩.	ସଂସ୍କାରର ସ୍ଥପତିମାନେ	ସଂଗ୍ରାମ କେଶରୀ ପୃଷ୍ଟି	୦୯
୦୪.	ଆମ ଅଙ୍କ ସାର୍	ସତ୍ୟବାଦୀ ସାହୁ	୧୧
୦୪.	ବ୍ୟାସକବି ଫକୀର ମୋହନ ଓ ଶିଶୁ ସାହିତ୍ୟ	ସନ୍ତୋଷ କୁମାର ପଣ୍ଡା	୧୨
୦୫.	ପ୍ରାଚୀନ ତାଳଚେରର ବୌଦ୍ଧକାଳୀନ ସଭ୍ୟତା	ବିଭୂତି ଭୂଷଣ ସାହୁ	୧୪
୦୬.	ଦି ଗ୍ଲାସ ଚାହା	କାଜଲ ପ୍ରଧାନ	୧୯
୦୭.	ଆଭାସୀ ଦୁନିଆରୁ ଦୂରରେ	ଅନୁପମା ପ୍ରଧାନ	୨୦
୦୮.	ଘର	ଡ.କଳ୍ପନା ବୋଇତି	୨୧
୦୯.	ଦୂଷିକା	ଡ.ପ୍ରଶାନ୍ତ କୁମାର ରଥ	୨୨
୧୦.	ଅଭିଶାପ	ଶୁଭମ୍ ବେହେରା	୨୬
୧୧.	କୋଟିଏ ଜଗନ୍ନାଥ	ରାହୁଲ ମହାନ୍ତି	୨୮
୧୨.	କୁନି ପରୀର ସନ୍ଦେଶ	ବିଭୂତି ଭୂଷଣ ସ୍ୱାଇଁ	୩୦
୧୩.	ସଞ୍ଚୟ	ବୁଦ୍ଧଦେବ ସେଠୀ	୩୨
୧୪.	ବ୍ୟାସକବି ଫକୀର ମୋହନ ସେନାପତି	ମୁକୁନ୍ଦ ଚନ୍ଦ୍ର ସାମଲ	୩୩
୧୫.	ବଂଶୀ	ରୀନାରାଣୀ ରାଉତରାୟ	୩୪
୧୬.	ମୁଁ କିଏ ?	ତ୍ରିନାଥ ସାହୁ	୩୪
୧୭.	ଶବ୍ଦର ଶିଳାପଦ୍ମ	ରତ୍ନପ୍ରଭା ବାଇ	୩୫
୧୮.	ବନ୍ଧୁତା	ପୂଜାରାଣୀ ଚଣ୍ଡ	୩୬
୧୯.	ବନ୍ଦ କର ମିଛ ପ୍ରହସନ	ସୁରଞ୍ଜନ ପାତ୍ର	୩୮
୨୦.	ନିସ୍ତେଜ ଆଖିର ନିରବତା	ଦିପ୍ତିରାଣୀ ସିଂହ	୩୯
୨୧.	ଜୀବନର ଜମା ଭରସା ନାହିଁ	ସୁଶିଲ କୁମାର ପ୍ରଧାନ	୪୦
୨୨.	ଶ୍ରେଷ୍ଠ କୌନ୍ତେୟ	ହରିହର ଭୂକ୍ତା	୪୧
୨୩.	ମାଆ କୋଳ	ନକୁଳ ଚରଣ ପୃଷ୍ଟି	୪୨
୨୪.	ବାବା ତୁମେ ଆଜି ବି ହାରିନ	ସ୍ମିତିପ୍ରଜ୍ଞା ସ୍ୱାଇଁ	୪୩
୨୫.	ମାନବିକତା	ସୁବ୍ରତ ମଲିକ	୪୪
୨୬.	ସଂଘର୍ଷ ପରେ ବିଜୟ	ମୋହନ କୁମାର ଷଡ଼ଙ୍ଗୀ	୪୫
୨୭.	ହେ ବୀର ପୁଙ୍ଗବ	ପତିତପାବନ ପ୍ରଧାନ	୪୬
୨୮.	ବରଜ ମୋହନ କି ଫକୀର ମୋହନ ସେ ?	ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ	୪୭

ସଂପାଦକୀୟ...

ନବବର୍ଷର ଅଭିନନ୍ଦନ । ୨୦୨୬ ବର୍ଷ ଆପଣଙ୍କର ଶୁଭଙ୍କର ହେଉ ।

ଆଜି ପବିତ୍ର ମକର ସଂକ୍ରାନ୍ତି । ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କର ଜନ୍ମତିଥି । ଭାଷା ପ୍ରାଣ, ଜାତିପ୍ରାଣ ଫକୀରମୋହନ ଓଡ଼ିଆ ଜାତିର ଦୁର୍ଦ୍ଦିନ କାଳରେ ଓଡ଼ିଆ ଜାତିକୁ ମାର୍ଗଦର୍ଶନ କରାଇଥିଲେ । ବଙ୍ଗୀୟ ହୀନ ଚକ୍ରାନ୍ତକାରୀମାନେ ତାଙ୍କୁ 'ବେଟା ରିଙ୍ଗ ଲିଡ଼ର' ବୋଲି କହିଥିଲେ । ତାଙ୍କର କାଳଜୟୀ ସାହିତ୍ୟ ସର୍ଜନା ଓଡ଼ିଆ ପ୍ରାଣକୁ ପୁଷ୍କଳ ଓ ପ୍ରାଣବନ୍ତ କରିଛି । ଜନ୍ମତିଥିରେ ସର୍ବକାଳୀନ ବିରଳ, କ୍ରାନ୍ତିକାରୀ ବ୍ୟକ୍ତିତ୍ୱଙ୍କୁ ଆମର ଶତକୋଟି ପ୍ରଣାମ ।

ମଣିଷର ସାମାଜିକ ସାଂସ୍କୃତିକ ପରିବର୍ତ୍ତନରେ ସାହିତ୍ୟକୁ ଆଧାର କରି ଯୋଗାଯୋଗର ପ୍ରକ୍ରିୟାରେ ପରିବର୍ତ୍ତନ ଘଟିଛି । ସଂପ୍ରତି ବିକାଶୋନ୍ମୁଖୀ କ୍ଷେତ୍ର ପ୍ରସ୍ତୁତ ହୋଇଛି । ଲେଖକ ଓ ପାଠକର ଯୋଡ଼ି ହେବାର ମାଧ୍ୟମ ଭିନ୍ନ ଭିନ୍ନ ହୋଇଛି । ସାହିତ୍ୟକୁ 'ଇ'(ଇଲୋଟ୍ରୋନିକ୍ସ) ଧାରା ଆସି ହାତମୁଠାରେ ସାହିତ୍ୟ ବାନ୍ଧି ହୋଇଛି ।

ଆଜି ଇ-ପତ୍ରିକା **"ଆମ ଭାଷାର ଉଚ୍ଛ୍ୱାସ ପ୍ରତିଭାସ"**ର ଜନ୍ମୋତ୍ସବ । ସେ କୁଆଁ କୁଆଁ ରାବ ଦେଇଛି । ଅନେକ ଦିନରୁ ସ୍ୱପ୍ନ ଦେଖିଥିବା ଶିଶୁଟି ଜନ୍ମ ନେଇଛି । ସମ୍ବାଦ ସାହିତ୍ୟ ଘର, ସାଉଥବଲଣ୍ଡାର ଅଗଣା ତା'ଲାଗି ଏନ୍ତୁଡ଼ିଶାଳ । ଘରର ସଦସ୍ୟମାନେ ତା' ପରିବାରର । ନୂତନ ଗଳ୍ପ, ପ୍ରବନ୍ଧ, ସମାଲୋଚନାକୁ ଅଙ୍ଗରେ ଧରିବା ତା'ର ଉଦ୍ଦେଶ୍ୟ । ପାଠୋତ୍ସବ ମାନଙ୍କରେ ମନକୁ ଆନ୍ଦୋଳିତ କରୁଥିବା ବିଷୟ ଏଥିରେ ସ୍ଥାନିତ କରାଯାଇଛି । ଆଗକୁ ଏହାର ବିସ୍ତାରିତ ରୂପର ଦିଗ ପ୍ରତି ଦୃଷ୍ଟି ରଖାଯାଇଛି ।

"ଆମ ଭାଷାର ଉଚ୍ଛ୍ୱାସ ପ୍ରତିଭାସ"ର ଜନ୍ମୋତ୍ସବ ପାଳନ ଅବସରରେ ସମସ୍ତ ଲେଖକ, ପାଠକ, ଶୁଭେଚ୍ଛୁମାନଙ୍କୁ ସାଧୁବାଦ ଜଣାଉଛୁ । ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ରଖୁଛୁ । ଧନ୍ୟବାଦ ॥

ସଂପାଦନାମଣ୍ଡଳୀ

ସମ୍ବାଦ ସାହିତ୍ୟ ଘର
ସାଉଥବଲଣ୍ଡା ଶାଖା

ଆମ ଭାଷାର ଉଚ୍ଛ୍ୱାସ

ପ୍ରତିଭାସ



ଗଦ୍ୟ ବିଭାଗ

ଯୁଗ ପ୍ରବର୍ତ୍ତକ ଫକୀରମୋହନ

ଡକ୍ଟର ଧରଣୀଧର ନାଥ



ବ୍ୟାସକବି ସରସ୍ୱତୀ ଫକୀର ମୋହନ ସେନାପତି ହେଉଛନ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ଅନ୍ୟତମ ମହାନ୍ ସାହିତ୍ୟିକ। ଓଡ଼ିଆ ସାହିତ୍ୟ ଇତିହାସରେ ନବଧାରା ସୃଷ୍ଟିର ବିଶ୍ୱକର୍ମା, ଶ୍ରେଷ୍ଠ ପ୍ରବର୍ତ୍ତକ। ଫକୀରମୋହନ ଭୂମିଷ୍ଠ ହୁଅନ୍ତି ୧୮୪୩ ମସିହା ଜାନୁଆରୀ ତେର ତାରିଖ ମକର ସଂକ୍ରାନ୍ତିରେ। ଆଦ୍ୟନାମ ଥିଲା ବ୍ରଜମୋହନ। ଏବେ ବିଶ୍ୱମୋହନ। ସେ ଜାତ ସାହିତ୍ୟିକ। ଅନୁବାଦ ଜୀବନ ଚରିତରୁ ଆରମ୍ଭ, 'ଆତ୍ମ ଜୀବନ ଚରିତ'ରେ ଶେଷ। ଫକୀରମୋହନଙ୍କ ଜୀବନକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ - ଶିକ୍ଷକତା ପର୍ବ (୧୮୪୩-୧୮୭୧), ରାଜ୍ୟଶାସନର ପର୍ବ (୧୮୭୨-୧୮୯୬), ଲେଖକ ପର୍ବ (୧୮୯୭-୧୯୧୮)।

କଥା ସମ୍ରାଟ ଥିଲେ ଫକୀରମୋହନ। ୧୮୯୮ରେ ରଚିତ ପ୍ରଥମ ଗଳ୍ପ ହେଉଛି ରେବତୀ। ୧୮ବର୍ଷ ଧରି ସେ ୨୦ଟି କ୍ଷୁଦ୍ରଗଳ୍ପ ରଚନା କରିଥିଲେ। ଅଧିକାଂଶ ଗଳ୍ପର ସଂଳାପ, ସଂଗଠନ, ଉତ୍କଣ୍ଠା ଓ ଚମତ୍କାରିତାର ଯେଉଁ ଔଜ୍ଜ୍ୱଲ୍ୟ ଅଛି, ତାହା ହାସ୍ୟରସର ବିକୀର୍ଣ୍ଣ ରଶ୍ମିରେ ସମୁଦ୍‌ଭାସିତ ସର୍ବତ୍ର।

ଫକୀରମୋହନଙ୍କ ଚାରୋଟି ଉପନ୍ୟାସ ଛ'ମାଣ ଆଠଗୁଣ୍ଠ (୧୮୯୩-୯୯), ମାମୁଁ (୧୯୧୩) ଲଛମା, ପ୍ରାୟଶ୍ଚିତ (୧୯୧୧) ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ। ସାମାଜିକ ଜୀବନର ଚିତ୍ରଶାଳା। ଉପନ୍ୟାସ ଗୁଡ଼ିକରେ ଫକୀରମୋହନଙ୍କ ବୈଶିଷ୍ଟ୍ୟ ହେଲା - ଲୋକଚରିତ୍ର ଅଧ୍ୟୟନ, ସମାଜ ଗଠନରେ ଆଦର୍ଶ ସଂକଳ୍ପ, ଜାତିର ଭାଷାରେ ଜାତି ପାଇଁ ସାହିତ୍ୟ, ଓଡ଼ିଶା ଇତିହାସର ନିଖୁଣ ଚିତ୍ର। ଏହି ଉପନ୍ୟାସ ଗୁଡ଼ିକର ପ୍ରଭାବ ଗୋଦାବରୀଶ ମିଶ୍ର, ଗୋପିନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ସୁରେନ୍ଦ୍ର ମହାନ୍ତି ଏବଂ ବିଭୂତି ପଟ୍ଟନାୟକଙ୍କ ରଚନାରେ ଦେଖିବାକୁ ମିଳେ।

ଫକୀରମୋହନଙ୍କର ଅନୁବାଦ ଓ ମୌଳିକ କାବ୍ୟ କବିତା ଗୁଡ଼ିକ ହେଉଛି - ରାମାୟଣ, ମହାଭାରତ, ଉତ୍କଳ ଭ୍ରମଣ, ଗୀତା, ପୁଷ୍ପମାଳା ଓ ଉପହାର, ଉପନିଷଦ, ଅବସର ବାସରେ, ବୌଦ୍ଧାବତାର କାବ୍ୟ, ପୂଜାଫୁଲ ଓ ଧୂଳି।

ଫକୀରମୋହନଙ୍କ ସାହିତ୍ୟ ପ୍ରଚଳିତ ସମାଜ, ବ୍ୟକ୍ତିଗତ ଦର୍ଶନ ଓ ଅନୁଭୂତିକୁ ନେଇ ଅନୁରଣିତ ହୋଇଥିବା ବେଳେ ରାଧାନାଥଙ୍କ କାବ୍ୟକବିତା ବିଦେଶୀ କଥାବସ୍ତୁର ଆହରଣ, ଉତ୍କଳର ପାଣିପବନରେ ତାହାର ସମୀକରଣ ଓ କାବ୍ୟରଚନା ପଦ୍ଧତିରେ ନବୀକରଣ ଆଣିଥିଲା। ରାଧାନାଥଙ୍କ ଚନ୍ଦ୍ରଭାଗା, ନନ୍ଦିକା, ଉଷା, କୌଶଲ୍ୟା, ଲଳିତା ଓ ବିମଳାଙ୍କ କାନରେ ଫକୀରମୋହନ ଆମ ଆଗରେ ମୂର୍ତ୍ତିମନ୍ତ କରି ଥୋଇଲେ - ସାରିଆ, ଚମ୍ପା, ଚିତ୍ରକଳା, ଗେହ୍ଲେଇ ଓ ନାକଫୋଡ଼ିଆ ମା'କୁ। ଫକୀରମୋହନ ଓଡ଼ିଆ ସାହିତ୍ୟରେ

ଆଧୁନିକ ଗଳ୍ପର ସ୍ରଷ୍ଟା । ଫକୀରମୋହନ କାବ୍ୟ ଓ ଖଣ୍ଡ କବିତା ଉଭୟେ ହାତ ଦେଇଛନ୍ତି । ମାତ୍ର ରାଧାନାଥଙ୍କ ରଚିତ ଖଣ୍ଡକବିତା ବେଶ୍ ଦୁର୍ବଳ ।

ରାଧାନାଥ ରୀତିଯୁଗର ଶେଷ କବି । ରାଧାନାଥ ଅମିତ୍ରାକ୍ଷର ଛନ୍ଦରେ 'ମହାଯାତ୍ରା' ଲେଖିବା ପୂର୍ବରୁ ରାମଶଙ୍କର ଓଡ଼ିଆ ସାହିତ୍ୟରେ 'କାଞ୍ଚି କାବେରୀ' ନାଟକ ରଚନା କରି ପ୍ରଥମ ଅମିତ୍ରାକ୍ଷର ଛନ୍ଦର ପ୍ରବର୍ତ୍ତକ ଭାବେ ପରିଚିତ । 'ଦରବାର'ରେ ହାସ୍ୟରସ, ବ୍ୟଙ୍ଗବିଦ୍ରୂପ ଚିତ୍ରଣ ପୂର୍ବରୁ ଫକୀରମୋହନ ୧୮୯୨ରେ ଉତ୍କଳଭ୍ରମଣ ରଚନା କରି ରାଧାନାଥଙ୍କ ଗୌରବକୁ କ୍ଷୁର୍ଣ୍ଣ କରିଛନ୍ତି । ରାଧାନାଥଙ୍କ କାବ୍ୟକବିତା କେବଳ ଏକ ନିର୍ଦ୍ଦିଷ୍ଟ ସମୟସୀମା ବଳୟରେ ଘନୀଭୂତ । ମାତ୍ର ଫକୀରମୋହନଙ୍କର କବିତା ଏ କ୍ଷେତ୍ରରେ କାଳଜୟୀ ଓ ଅଧିକ ସମ୍ବେଦନଶୀଳ । ଏହି ହେତୁ ଓଡ଼ିଆ କାବ୍ୟ-ଧାରାରେ ଫକୀରମୋହନଙ୍କ କାବ୍ୟକବିତାର ସଂଯୋଜନା କେବଳ ସ୍ୱତନ୍ତ୍ର ନୁହେଁ ଆଧୁନିକତାର ଆନୟନରେ ଓ ମାନଦଣ୍ଡରେ ବିଭିନ୍ନ ଦୃଷ୍ଟିକୋଣରୁ ସାମର୍ଥ୍ୟସଂପନ୍ନ । ତାଙ୍କ କବିତା ସକଳରେ ଅଛି ମନ-ରହସ୍ୟ ଉନ୍ମୋଚନର ବିଶ୍ୱସ୍ତ ପ୍ରକ୍ରିୟା । ଫକୀରମୋହନ ଊନବିଂଶ ଶତକର ଶେଷପାଦ ଓ ବିଂଶଶତକର ପ୍ରଥମ ଦଶକର ପ୍ରମୁଖ କବି ଓ ତାଙ୍କ ସାଧନାର ବଳୟରେ ଆଧୁନିକତାର ଛାପ ସୁସ୍ପଷ୍ଟ । ତେଣୁ ଆଧୁନିକ ଓଡ଼ିଆ କାବ୍ୟଧାରାରେ ଫକୀରମୋହନ ଯୁଗ ପ୍ରବର୍ତ୍ତକ ।

ଓଡ଼ିଆ ସାହିତ୍ୟ ଇତିହାସରେ ଦେଶପ୍ରୀତି, ଭାଷାପ୍ରୀତି, ଜାତିପ୍ରୀତି, ସ୍ୱଜନପ୍ରୀତି, ଆତ୍ମପ୍ରୀତି ଓ ମନୁଷ୍ୟପ୍ରୀତି କ୍ଷେତ୍ରରେ ମହାନ୍ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଫକୀରମୋହନ ଆକାଶର ଧ୍ରୁବତାରା ହୋଇ ଓଡ଼ିଆ ଅସ୍ମିତାକୁ ଅମର କରି ରଖିବାକୁ ବାଟ ଦେଖାନ୍ତୁ । ❑❑❑

ପ୍ରାକ୍ତନ ସଭାପତି
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ମୋବାଇଲ୍ ନଂ-୯୯୩୭୨୨୨୦୨୨

'ପ୍ରତିଭାସ' ଇ-ସାହିତ୍ୟ ପତ୍ରିକାର ନିୟମାବଳୀ

"ଆମ ଭାଷାର ଉଚ୍ଛ୍ୱାସ ପ୍ରତିଭାସ" ଏକ ତ୍ରୈମାସିକ ଇ-ସାହିତ୍ୟ ପତ୍ରିକା । ସମ୍ବାଦ ସାହିତ୍ୟ ଘର, ସାଉବଣ୍ଡା ଶଖା ଆନୁକୂଲରେ ଏହା ପ୍ରତ୍ୟେକ ବର୍ଷ ମକର ବିଶେଷାଙ୍କ, ବିଷୁବ ବିଶେଷାଙ୍କ, ରଥ ବିଶେଷାଙ୍କ ଓ ଦଶହରା ବିଶେଷାଙ୍କ ଭାବରେ ପ୍ରକାଶିତ ହୁଏ ।

ବର୍ଷର ସବୁ ସମୟରେ ଲେଖା ଗ୍ରହଣ କରାଯାଇ ଥାଏ । ଆଗ୍ରହୀ ଲେଖକ, ଲେଖିକାମାନେ ସ୍ୱରଚିତ ପ୍ରବନ୍ଧ, ଗଳ୍ପ, ଅନୁବାଦ ଗଳ୍ପ, ଭ୍ରମଣ କାହାଣୀ, ଶିଶୁମାନଙ୍କ ନିମନ୍ତେ ଶିଶୁ ଗପ, କବିତା,ମହାପୁରୁଷଙ୍କ ଜୀବନୀ, ଜ୍ଞାନବିଜ୍ଞାନ କଥା, ପର୍ବପର୍ବାଣି ଇତ୍ୟାଦି ବିଷୟରେ ଲେଖା ପଠାଇ ପାରିବେ । ଲେଖାଗୁଡ଼ିକ ସଂକ୍ଷିପ୍ତ ତଥା ଶିକ୍ଷଣୀୟ ହେବା ଆବଶ୍ୟକ । ଲେଖାଗୁଡିକ ମୋବାଇଲ୍‌ରେ ଟାଇପ୍ କରି କିମ୍ବା ଡି.ଟି.ପି କରି ଇ-ମେଲ୍ ମାଧ୍ୟମରେ ଲେଖା ପଠାଇ ପାରିବେ । ଆମ ଇମେଲ ଆଇ.ଡି- **southbalandasahityaghar@gmail.com**କୁ ପଠାଇବାକୁ ଅନୁରୋଧ ।

ଲେଖକ/ଲେଖିକାମାନଙ୍କର ଲେଖାଗୁଡିକ ପୂର୍ବରୁ ସାମାଜିକ ଗଣମାଧ୍ୟମ କିମ୍ବା ଅନ୍ୟ କୌଣସି ପତ୍ରପତ୍ରିକା, ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲେ ତାହା ପ୍ରକାଶଯୋଗ୍ୟ ହେବ ନାହିଁ । ଲେଖାଗୁଡ଼ିକୁ ଆବଶ୍ୟକସ୍ଥଳେ ସଂପାଦକ ଆଂଶିକ ପରିବର୍ତ୍ତନ କିମ୍ବା ସଂଶୋଧନ କରିପାରିବେ । ❑❑❑

- ସଂପାଦକମଣ୍ଡଳୀ

ସଂସ୍କାରର ସ୍ଥପତିମାନେ

ସଂଗ୍ରାମ କେଶରୀ ପୃଷ୍ଟି

ବ୍ୟକ୍ତିତ୍ୱର ସର୍ବଶ୍ରେଷ୍ଠ ପରିମାପକ ଭାବରେ ଯାହାକୁ ବିବେଚନା କରାଯାଏ , ତାହା ହେଉଛି – ସଂସ୍କାର । ଏହାର ମୁଖଶାଳା ହେଉଛି ବ୍ୟବହାର । ବ୍ୟକ୍ତିତ୍ୱକୁ ସୁନ୍ଦର, ମଧୁମୟ, ପରିମାର୍ଜିତ , ଆକର୍ଷଣୀୟ ତଥା ରୁଚି ସଂପନ୍ନ କରିବା ଦିଗରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସଂସ୍କାର ହେଉଛି ସୁନେଲୀ ସକାଳର ଉଦୟ ରବି । ଯାହା ସଫଳତା ଆଡ଼କୁ ବାଟ କଢ଼ାଏ । ବାଟ ହୁଡୁଥିବା ମଣିଷଙ୍କୁ ବାଟକୁ ଆଣେ । ସଂସ୍କାର ବିହୀନ ବ୍ୟକ୍ତି ହେଉଛି ଏକ ଅମେରୁଦଣ୍ଡୀ ପ୍ରାଣୀ । ଯାହାର ଅସ୍ତିତ୍ୱ ମୂଲ୍ୟହୀନ । ଏ ସଂସାରରେ ସମସ୍ତ ପ୍ରାଣୀ ଅପେକ୍ଷା ମନୁଷ୍ୟ ପାଖରୁ ଏହା ହିଁ ଆଶା କରାଯାଏ , କାରଣ ମଣିଷର ବୁଦ୍ଧି ଓ ବିଚାର ଶକ୍ତି ସ୍ୱତନ୍ତ୍ର ଓ ଅନନ୍ୟ । ଶ୍ରେଷ୍ଠ ଜୀବ ଭାବରେ ସେ ମହୀୟାନ ଓ ଗରୀୟାନ ମଧ୍ୟ । ସୁତରାଂ ତା' ଠାରୁ ଏହା ଆଶା କରାଯିବା ସ୍ୱାଭାବିକ ।

ସଂସ୍କାର ଓ ସଂସ୍କୃତି ସଂପନ୍ନ ବ୍ୟକ୍ତି ସମାଜରେ ଆଦରଭାଜନ ହୋଇଥାନ୍ତି । ଏଥିରୁ ବଂଶ ପରମ୍ପରାର ମର୍ଯ୍ୟାଦା ମିଳିଥାଏ । ଶିକ୍ଷା , ଦୀକ୍ଷା ଓ ଆଭିଜାତ୍ୟର ପରିଚୟ ମଧ୍ୟ ମିଳିଥାଏ । ସଂସ୍କାର ବିହୀନ ମଣିଷ ସମାଜ ଆଖିରେ ଘୃଣ୍ୟ ପଦବାଚ୍ୟ ହେଉଥିବା ବେଳେ ସଂସ୍କାର ସଂପନ୍ନ ମଣିଷ ସମ୍ମାନର ପାତ୍ର ହୋଇଥାଏ । ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଓ ପରିବାର ଗଠନ ଦିଗରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ମାନବୋତ୍ତର ଚେତନାର ଉନ୍ମେଷ ଦିଗରେ ସଂସ୍କାର ଏକ ବଳିଷ୍ଠ ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ ।

ବ୍ୟକ୍ତିର ସଂସ୍କାର ହିଁ ତା' ବ୍ୟକ୍ତିତ୍ୱକୁ କରିଥାଏ ଉଦ୍ଭାସିତ । ଚାଲିଚଳନ, ଆଚରଣ – ଉଚ୍ଚାରଣ ଆଦି ପ୍ରତ୍ୟେକଟି କ୍ଷେତ୍ରରେ ଏହାର ସ୍ଥିତି ଉପଲବ୍ଧି କରିହୁଏ । ଏହାର ବ୍ୟତିରେକ ମନୁଷ୍ୟ ଜୀବନ ହୋଇପଡ଼େ ମୂଲ୍ୟହୀନ । ସେ ଏ ସମାଜରୁ ଯଥୋଚିତ ସମ୍ମାନ ପାଇବାରୁ ବଞ୍ଚିତ ହୁଏ । ପରୋକ୍ଷରେ ତାକୁ କଟୁ ସମାଲୋଚନା ମଧ୍ୟ ସହିବାକୁ ହୋଇଥାଏ । ଧନ ତାକୁ ଉପରକୁ ନେଇଯାଏ ସତ କିନ୍ତୁ ସଂସ୍କାରର ଅବକ୍ଷୟ ତା'କୁ ଅନବରତ ଟାଣିନେଉଥାଏ ରସାତଳକୁ ।

ନିକଟରେ ଘଟିଯାଇଥିବା ଏକ ଘଟଣା ମନକୁ ଯେତିକି ବିଚଳିତ କରିଛି ତା'ଠୁ ଅଧିକ ଚିନ୍ତାର କାରଣ ପାଲଟିଛି । ଘଟଣାଟି ହେଉଛି ଉତ୍ତରପ୍ରଦେଶ ରାଜ୍ୟର ଦେଓରିଆ ଜିଲ୍ଲାର । କଥାଟା ହେଲା , ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ପୁଅର ଗୁରୁତର ଭୁଲ୍ ତଥା ଦୁଷ୍ଟାମୀ ପାଇଁ ବାପା ତାକୁ ତା ସାଙ୍ଗମାନଙ୍କ ଆଗରେ ଗାଳିଗୁଲଜ କଲେ । ଭାବିଥିଲେ, ପୁଅ ତାଙ୍କର ସୁଧୁରି ଯିବ । ନିଜର ଭୁଲ୍ ବୁଝିପାରିବ । ହେଲେ ଫଳ ହେଲା ଓଲଟା । ପୁଅଟି ଏଥିରେ ଏତେ ଅପମାନିତ ହେଲା ଯେ ସେ ବାପାଙ୍କ ବିରୁଦ୍ଧରେ ଥାନାରେ ଆସି ଅଭିଯୋଗ ଦରଜ କଲା । ବାପା କୁଆଡ଼େ ତାକୁ ମାନସିକ ନିର୍ଯାତନା ଦେଇଛନ୍ତି । ଏଣୁ ତାଙ୍କୁ ଦଣ୍ଡ ମିଳିବା ଆବଶ୍ୟକ । ଆଇନ୍ ଅନୁଯାୟୀ ପୁଅର ଅଭିଯୋଗ ଅମୂଳକ ନଥିଲା । ବାପାଙ୍କୁ ଗିରଫ କରି ଜେଲ୍ ପଠାଇବା ପୂର୍ବରୁ ପୋଲିସ୍ ଏହାର ସମାଧାନ କରିବାକୁ ଚାହିଁଲେ । ଅଗତ୍ୟା ଆଇନକୁ ସମ୍ମାନ ଦେବାକୁ ଯାଇ ତଥା ସମାଜର ନିନ୍ଦା – ଅପବାଦକୁ ଦୃଷ୍ଟିରେ ରଖି ବିଚରା ବାପା ଅସହାୟ ହୋଇ ପୁଅର ଗୋଡ଼ତଳେ ପଡ଼ି ନିଜର ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ।

ଏ ଘଟଣା ସୁସଭ୍ୟ ମଣିଷ ସମାଜର ସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ! ଯେଉଁ ପରିବାରରେ ଶୈଶବରୁ ସଂସ୍କାର ଶିକ୍ଷା ଦିଆଯାଏ ନାହିଁ, ସେ ପରିବାରର ପତନ

ଅନିର୍ବାଚ୍ୟ । ସଂସ୍କାର ଅଭାବରୁ ଶୈଶବ ହୋଇ ଯାଏ ଦିଗହରା । ମନରେ ଭଲମନ୍ଦର ବିଚାର ଆସେନାହିଁ । ନିଜର କାର୍ଯ୍ୟକୁ ସର୍ବୋତ୍ତମ କହି ସେଥିରେ ସେ ଅଟଳ ରହେ । ଏହା ହିଁ ତ ବିଡ଼ମ୍ବନା । ଯଦି ଏହି ପିଲାଟିକୁ ପରିବାରର ସଂସ୍କାର ଯଥାରୀତି ମିଳିଥାନ୍ତା ତା'ହେଲେ ବୋଧହୁଏ ବାପାଙ୍କୁ ଥାନାରେ ମୁଣ୍ଡପୋତି ଭୁଲ୍ ସ୍ୱୀକାର କରିବାକୁ ପଡିନଥାନ୍ତା । ପରିବାରକୁ ମଧ୍ୟ ଦୁର୍ନାମ ମୁଣ୍ଡେଇବାକୁ ପଡିନଥାନ୍ତା ।

ଏ ପ୍ରସଙ୍ଗରେ ଏକ ଗାନ୍ଧୀ କାହାଣୀ ମନକୁ ଆସେ । ବିହାର ଚମ୍ପାରଣ ଆଶ୍ରମ ବାହାରେ ବସି ଚରଖାରେ ସୂତା କାଟିବାରେ ମଗ୍ନ ଥାଆନ୍ତି ଗାନ୍ଧିଜୀ । ଏହି ସମୟରେ ଖେଳ ମଧ୍ୟରେ ଦୁଇଜଣ ବାଳକ ମଧ୍ୟରେ ସୃଷ୍ଟି ହେଲା ଝଗଡ଼ା । ସେମାନେ ଉତ୍ତେଜିତ ହୋଇ ପରସ୍ପର ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରୟୋଗ କଲେ । ଛୋଟ ପିଲାଙ୍କ ମୁହଁରେ ଅଶ୍ରାବ୍ୟ ଭାଷା ଗାନ୍ଧିଜୀଙ୍କୁ ବ୍ୟଥିତ କଲା । ସେ ବିଚଳିତ ହୋଇପଡ଼ିଲେ । ପିଲାଦୁହିଁଙ୍କୁ ସେ କିଛି ନକହି ତାଙ୍କ ବାପା – ମାଆକୁ ଆଶ୍ରମକୁ ଡକାଇ ପଠାଇଲେ । ଗାନ୍ଧୀଙ୍କ ଡାକରା ପାଇ ସେହି ପିଲାଦୁଇଟିର ବାପା – ମାଆ ଆସି ଆଶ୍ରମରେ ପହଞ୍ଚିଗଲେ । ସେମାନଙ୍କୁ ଦେଖିବା କ୍ଷଣି ଗାନ୍ଧିଜୀ ସେମାନଙ୍କୁ କଡା ଭାଷାରେ ଭର୍ତ୍ସନା କରିବାକୁ ଲାଗିଲେ ।

ଅବାକ୍ ହୋଇ ରହିଥିଲେ ପିଲାଙ୍କ ବାପା ମାଆ ମାନେ। ଘଟଣା ବିଷୟରେ ଜାଣିବାକୁ ଚାହିଁବାରୁ ଗାନ୍ଧିଜୀ ସବୁକଥା ବର୍ଣ୍ଣନା କଲେ । ଏହାଶୁଣି ଜଣେ ଅଭିଭାବକ କହିଲେ – ' ଆମ ପିଲାଙ୍କ ଭୁଲ୍ ପାଇଁ ଆପଣ ବି ତ ତାଙ୍କୁ ସେଇଠି ଡାକି ଆକଟ କରିପାରିଥାନ୍ତେ । ଦଣ୍ଡ ବି ଦେଇ ପାରିଥାନ୍ତେ ! ତାହା ନକରି ଆପଣ ଆମକୁ ଡକାଇଲେ ଯେ !'

ଏହାଶୁଣି ଗାନ୍ଧିଜୀ ଉତ୍ତର ଦେଲେ, 'ଅବଶ୍ୟ ତୁମ କଥା ଅନୁଯାୟୀ ମୁଁ ସେମାନଙ୍କୁ ଆକଟ କରିପାରିଥାନ୍ତି । ମାତ୍ର କଲି ନାହିଁ । କାହିଁକି ଜାଣିଛ ? ଏଥିପାଇଁ ପିଲାମାନେ ଯେତିକି ଦୋଷୀ ନୁହନ୍ତି ତା'ଠୁ ତୁମେମାନେ ଅଧିକ ଦୋଷୀ । ସେମାନେ ପରସ୍ପର ପ୍ରତି ପ୍ରୟୋଗ କରୁଥିବା ଗାଳି ତୁମଠାରୁ ହିଁ ଶିଖିଛନ୍ତି । ସେମାନେ ଯେଉଁଠୁ ବି ଶିଖନ୍ତୁନା କାହିଁକି, ତାକୁ ସୁଧାରିବା ପାଇଁ ତୁମେ ଆଦୌ। ଚେଷ୍ଟା କରିନ । ଯଦି ପିଲାମାନଙ୍କୁ ଠିକ୍ ସଂସ୍କାର ଶିଖେଇଥାନ୍ତ ତା'ହେଲେ ସେମାନେ ଏପରି ଭାଷା କହିନଥାନ୍ତେ । ଏଣୁ ଏଥିପାଇଁ ତୁମେମାନେ ସଂପୂର୍ଣ୍ଣ ଭାବରେ ଦାୟୀ । ଏଣୁ ମନେରଖ , ଖାଦ୍ୟ ବସ୍ତ୍ର ପରି ପରିବାରରେ ଶିଶୁ ମାନଙ୍କୁ ସଂସ୍କାର ଶିକ୍ଷା ଏକାନ୍ତ ଜରୁରୀ । '

ଆଜିର ପ୍ରସଙ୍ଗରେ ଗାନ୍ଧିଜୀଙ୍କ ଏ କଥାର ଯଥାର୍ଥତା ରହିଛି । ସଂସ୍କାରର ଭିତ୍ତିଭୂମି ସ୍ଥାପନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ପରିବାର ଓ ବିଦ୍ୟାଳୟ । ଏହାର ସ୍ଥପତିମାନେ ହେଉଛନ୍ତି – ପିତାମାତା , ଶିକ୍ଷକ ଓ ଅଭିଭାବକ । ଏମାନଙ୍କ ନିଷ୍ଠା ଓ ଆନ୍ତରିକତା ହିଁ ଶିଶୁମାନଙ୍କ ସଂସ୍କାରର ଭିତ୍ତିଭୂମିକୁ ସୁଦୃଢ଼ କରାଇଥାଏ । ଏଥିପାଇଁ ଲୋଡ଼ା ଥାଏ ଅଧ୍ୟବସାୟ ଓ ସମର୍ପିତ ଭାବନା । ଏଥିରେ ସାମାନ୍ୟ ବ୍ୟତିକ୍ରମ କାରଣରୁ ଭୁଷୁଡ଼ିପଡେ ସଂସ୍କାରର ବାଲିବନ୍ଧ । କୁସଂସ୍କାର ମନକୁ ଆବୋରି ବସେ । ଏଥିରେ ଥରେ ପାଦ ଥାପିଲେ ପଛକୁ ଫେରିବା ଜଟିଳ ହୋଇପଡ଼େ ।

ଘରଭିତରେ ପିଲାମାନଙ୍କ ସାମ୍ନାରେ ବାରମ୍ବାର ଝଗଡ଼ା ହେବା, ଅନ୍ୟକୁ ଗାଳିଗୁଲଜ କରିବା, ଅନ୍ୟର କୁତ୍ସାରଟନା କରିବା ପରି ନକରାତ୍ମକ କାର୍ଯ୍ୟର ପ୍ରଭାବ ସିଧାସଳଖ ପିଲାଙ୍କ ଉପରେ ପଡ଼ିଥାଏ । ସେମାନେ ସ୍ୱତଃ ସେ ଦିଗକୁ ଆପଣେଇ ନେଇଥାନ୍ତି । ଫଳତଃ କୁସଂସ୍କାର ଏଇଠୁ ହିଁ ଗ୍ରାସ କରିଥାଏ । ଆମର ଓ ଆମ ପଡୋଶୀଙ୍କ କାର୍ଯ୍ୟକଳାପକୁ ଅନବରତ ଅନୁଧ୍ୟାନ କରୁଥାଏ ପିଲା । ସେମାନଙ୍କ ପାଖରୁ ନିଜ ଅଜାଣତରେ ସେ ଅନେକ କଥା ଶିକ୍ଷାଲାଭ କରେ । ଠିକ୍ ସଂସ୍କାର ପାଇଲେ ପିଲାଟି ଠିକ୍ ବାଟରେ ଯାଏ , ନଚେତ୍ ହୋଇଯାଏ ବାଟବଣା । ଫଳରେ ସମାଜ ତା'କୁ ଓ ତା' ପରିବାରକୁ ଏକ ନକରାତ୍ମକ ଦୃଷ୍ଟିରେ ଦେଖେ । କ୍ଷତିଘଟେ ଉଭୟଙ୍କର ।

ସଂସ୍କାରର ଭିତ୍ତି ସ୍ଥାପନ ଦିଗରେ ଗୁରୁ ବା ବିଦ୍ୟାଳୟର ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ପ୍ରାଚୀନ ଗୁରୁକୁଳ ପରମ୍ପରାରେ ସଂସ୍କାର ମୁଖ୍ୟ ଥିଲା । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଗୁରୁ ଏ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । କିନ୍ତୁ

ବିଦ୍ୟାଳୟରେ ପ୍ରାପ୍ତ ସଂସ୍କାରକୁ ପର ମୁହୂର୍ତ୍ତରେ ଛାତ୍ରଛାତ୍ରୀମାନେ ପରିବାରର ଆତ୍ମୀୟ ସ୍ୱଜନଙ୍କ ମେଳରେ ଉପଯୁକ୍ତ ପରିବେଶ ଅଭାବରୁ ପାଶୋରି ଦେବା ସବୁଠୁ ଦୁଃଖଦ ବିଷୟ । ଶାସନର ଶିକୁଳିରେ ବନ୍ଧା ଗୁରୁ କେବେକେବେ ଅସହାୟ ବୋଧ କରୁଛନ୍ତି । ଗୁରୁଙ୍କ ପ୍ରତି ଅଭିଭାବକଙ୍କ ନକାରାତ୍ମକ ଟିପ୍ପଣୀ ପ୍ରଦାନର ପ୍ରତ୍ୟକ୍ଷ ପ୍ରଭାବ ଛାତ୍ରଛାତ୍ରୀ ମାନଙ୍କ ଉପରେ ପଡ଼ିବା କାରଣରୁ ଗୁରୁଙ୍କ ଗାରିମା କ୍ରମଶଃ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଏପରି ସନ୍ଧିହାନ ମୁହୂର୍ତ୍ତରେ ଛାତ୍ରଛାତ୍ରୀ ସଂସ୍କାରଠାରୁ ଦୂରେଇ ଯାଉଛନ୍ତି, ଯାହାକି ପରିତାପର ବିଷୟ । ଅନୁଶାସନ ଏକ୍ଷେତ୍ରରେ ବାଧକ ସାଜିଛି ।

ସାଂପ୍ରତିକ ସ୍ଥିତିରେ ଏଥିରେ ସୁଧାର ଆଣିବାର ଆବଶ୍ୟକତା ରହିଛି । ଏଥିପାଇଁ ସଂସ୍କାରର ସ୍ଥପତିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ପିତା - ମାତା, ଗୁରୁ ତଥା ଅଭିଭାବକମାନେ ଏକ କୁଶଳ ସ୍ଥପତିର ଭୂମିକାରେ ଅବତୀର୍ଣ୍ଣ ହୋଇ ନିଷ୍ପାପର ଭାବରେ ପିଲାମାନଙ୍କ ଭିତରେ ସଂସ୍କାରର କୋଣାର୍କ ଗଢ଼ିଦେଇ ପାରିଲେ ତାଙ୍କ ଅନ୍ତଃଚେତନାରେ ଜ୍ଞାନର ସୂର୍ଯ୍ୟୋଦୟ ଘଟିବ । ଏହା ବ୍ୟକ୍ତିତ୍ୱ ଓ ସାମାଜିକ ବିକାଶ ଧାରାରେ ସହାୟକ ହେବ । ତା' ନହେଲେ ଆମ ବିବେକ ଅନବରତ ଆମକୁ ଦଂଶନ କରିଚାଲୁଥିବ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ । ❒❒❒

ଶିକ୍ଷକ, ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,
କିଶୋରନଗର
ରାଜ କିଶୋରନଗର, ଅନୁଗୋଳ
ମୋ - ୯୪୩୭୫୪୭୧୪୬

ଆମ ଅଙ୍କ ସାର୍

ସତ୍ୟବାଦୀ ସାହୁ

ବିଦ୍ୟାଳୟ କଥା ମନରେ ଅଛି
କେତେ ଯେ ପ୍ରକାର ପାଠ ପଢ଼ିଛି ॥
ଇତିହାସ,ବିଜ୍ଞାନ ଓ ସାହିତ୍ୟ
ଭୂଗୋଳ, ଇଂରାଜୀ,ଅଙ୍କ ସହିତ ॥
ଆମ ଅଙ୍କ ସାର୍ ବହୁତ କଡ଼ା
ପାଠ ନ କରିଲେ କରାନ୍ତି ଛିଡ଼ା ॥
ଦେଖିବାକୁ ସିଏ ଭାରି ଗମ୍ଭୀର
ଦେଖିଲେ ଆମକୁ ଲାଗଇ ଡର ॥
ଗଣିତର ଯେତେ କୁହୁକ ପେଡ଼ି
ବୁଝାଇ ଦିଅନ୍ତି କାନକୁ ମୋଡ଼ି ॥
ହରଣ,ଗୁଣନ, ଫେଡ଼ାଣ ମିଶା
ଆଉ ସବୁ ପାଠ ଫସର ଫସା ॥
ନଥିଲେ ମୁଖରେ ଗୁଣନ ଖନ୍ଦା
ପିଠି ପଛ ପଟେ ମାରନ୍ତି ବିଧା ॥
ଯେତେ ବି ଜଟିଳ ହେଉ ଗଣିତ
ଅତି ସରଳରେ ବୁଝାନ୍ତି ସେ'ତ ॥
ଗଣିତ ପାଠ ଯେ ପାଠରେ ସାର
ଅଭ୍ୟାସ କରାନ୍ତି ସେ ବାରମ୍ବାର ॥
ଅଙ୍କ ସାର୍ ଆମ ଦେବତା ସମ
ତାଙ୍କ ଶ୍ରୀଚରଣେ ଆମ ପ୍ରଣାମ ॥ ❒❒❒

ନାଲକୋ ନଗର, ଅନୁଗୋଳ
ମୋବାଇଲ୍ ନଂ-୯୯୩୮୫୬୫୩୨୫

'ବ୍ୟାସକବି ଫକୀରମୋହନ ସେନାପତି ଓ ଶିଶୁ ସାହିତ୍ୟ'

ସନ୍ତୋଷ କୁମାର ପଣ୍ଡା

ଓଡ଼ିଆ ସାହିତ୍ୟର ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ କୁହାଯାଏ। ତାଙ୍କର ଉପନ୍ୟାସ ଓ ଗଳ୍ପଗୁଡ଼ିକ ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଅତୁଳନୀୟ। ମାତ୍ର ଏହି ମହାନ ସ୍ରଷ୍ଟାଙ୍କର ଶିଶୁ ସାହିତ୍ୟ ପ୍ରତି ଅବଦାନ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟୀ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ଓଡ଼ିଆ ଭାଷା ବିଲୋପର ସଙ୍କଟ ଦେଇ ଗତି କରୁଥିଲା, ସେତେବେଳେ ଫକୀରମୋହନ ଶିଶୁମାନଙ୍କ ପାଇଁ ପାଠ୍ୟପୁସ୍ତକ ଓ ସାହିତ୍ୟ ରଚନା କରି ଓଡ଼ିଆ ଜାତିର ମୂଳଦୁଆ ସୁଦୃଢ଼ କରିଥିଲେ।

ଫକୀରମୋହନ ସେନାପତି ଓ ଶିଶୁ ସାହିତ୍ୟ:-

କୌଣସି ଜାତିର ପ୍ରଗତି ତା'ର ଶିଶୁମାନଙ୍କ ଶିକ୍ଷା ଓ ସଂସ୍କାର ଉପରେ ନିର୍ଭର କରେ। ଫକୀରମୋହନ ଏହାକୁ ଗଭୀର ଭାବେ ଅନୁଭବ କରିଥିଲେ। ସେ କେବଳ ଜଣେ ସାହିତ୍ୟିକ ନଥିଲେ, ବରଂ ଜଣେ ଦୂରଦ୍ରଷ୍ଟା ଶିକ୍ଷାବିତ୍ ମଧ୍ୟ ଥିଲେ। ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ହେଲେ ଶିଶୁମାନଙ୍କ ମନରେ ମାତୃଭାଷା ପ୍ରତି ଅନୁରାଗ ସୃଷ୍ଟି କରିବା ଆବଶ୍ୟକ ବୋଲି ସେ ଜାଣିଥିଲେ। ଏହି ଲକ୍ଷ୍ୟ ନେଇ ସେ ଓଡ଼ିଆ ଶିଶୁ ସାହିତ୍ୟର ଅୟମାରମ୍ଭ କରିଥିଲେ।

ଐତିହାସିକ ପୃଷ୍ଠଭୂମି ଓ ପାଠ୍ୟପୁସ୍ତକ ପ୍ରଣୟନ:-

୧୮୬୦-୭୦ ଦଶକରେ ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ପାଠ୍ୟପୁସ୍ତକର ଘୋର ଅଭାବ ଥିଲା। ବଙ୍ଗୀୟ ଶିକ୍ଷାବିତ୍‌ମାନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ପ୍ରଚାର କରୁଥିଲେ। ଏହି କଠିନ ସମୟରେ ଫକୀରମୋହନ ବାଲେଶ୍ୱରଠାରେ ନିଜେ 'ପିଏମ୍ ଏକାଡେମୀ'ରେ ଶିକ୍ଷକତା କରୁଥିବା ସମୟରେ ଅନୁଭବ କଲେ ଯେ, ପିଲାମାନଙ୍କ ପାଇଁ ସରଳ ଓ ସୁବୋଧ ବହି ନାହିଁ। ସେ ନିଜ ଉଦ୍ୟମରେ ଶିଶୁମାନଙ୍କ ପାଇଁ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ, ଯଥା: ଅଙ୍କମାଳା (ଗଣିତ ପୁସ୍ତକ), ଭାରତବର୍ଷର ଇତିହାସ, ଧୂଳିପାଠ। ଏହି ପୁସ୍ତକଗୁଡ଼ିକ କେବଳ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଏଥିରେ ବ୍ୟବହୃତ ସରଳ ଭାଷା ଶିଶୁମାନଙ୍କୁ ଓଡ଼ିଆ ପଢ଼ିବା ପାଇଁ ଆକୃଷ୍ଟ କରିଥିଲା।

ଫକୀରମୋହନଙ୍କ କବିତାରେ ଶିଶୁ ପ୍ରାଣତା:-

ଫକୀରମୋହନଙ୍କ କବିତାଗୁଡ଼ିକରେ ଗ୍ରାମୀଣ ଜୀବନର ସରଳତା ଓ ଶିଶୁ ସୁଲଭ ଚପଳତା ଦେଖିବାକୁ ମିଳେ। ତାଙ୍କର 'ଅବସର ବାସରେ' କବିତା ସଂକଳନରେ ଅନେକ ଏଭଳି ପଦ ଅଛି ଯାହା ଶିଶୁମାନଙ୍କ ମନକୁ ଛୁଇଁଲା ଭଳି। ତାଙ୍କର ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ଚିତ୍ରାତ୍ମକ।

ଉଦାହରଣ ସ୍ୱରୂପ: ସେ ପ୍ରକୃତିକୁ ଶିଶୁର ଆଖିରେ ଦେଖୁଥିଲେ। ପକ୍ଷୀଙ୍କ କାକଳି, ଫୁଲର ହସ ଏବଂ ଗ୍ରାମୀଣ ପରିବେଶକୁ ସେ ଅତି ସୁନ୍ଦର ଭାବେ କବିତାରେ ରୂପ ଦେଇଥିଲେ। ତାଙ୍କ କବିତାରେ ଥିବା ଛନ୍ଦ ଓ ପ୍ରାସ ଶିଶୁମାନଙ୍କୁ ମନେ ରଖିବା ପାଇଁ ସହଜ ହୋଇଥାଏ। ଯଥା- କବିତା- 'କୋଇଲି'

'କୁହୁ କୁହୁ ରବେ କୋଇଲି ଡାକେ,
ବସିଣ ଆମ୍ର ଡାଳେ,
ଶୁଣି ସେ ସ୍ୱର ମନ ମୋହଇ,
ବସନ୍ତ ଆସିବା କାଳେ।

କଳା ତୋର ରୂପ କଳା ତୋର ଡେଣା,
କୁହୁ ତୋର ମିଠା ବାଣୀ,
ତୋହର ସ୍ୱରରେ ମୋହିତ ହୁଅନ୍ତି,
ଜଗତର ପ୍ରାଣୀ ଶ୍ରେଣୀ ।।'

କଥା ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ:-

ଯଦିଓ ତାଙ୍କର ପ୍ରସିଦ୍ଧ ଗଳ୍ପ 'ରେବତୀ' ଏକ ସାମାଜିକ ବିୟୋଗାନ୍ତକ କାହାଣୀ, କିନ୍ତୁ ସେଥିରେ ରେବତୀର ପିଲାଦିନର ପାଠ ପଢ଼ିବା ପ୍ରତି ଥିବା ଆଗ୍ରହ ଶିଶୁ ଶିକ୍ଷାର ଏକ ବଳିଷ୍ଠ ଦିଗକୁ ଦର୍ଶାଏ । ଫକୀରମୋହନଙ୍କ 'ଗଳ୍ପ ସ୍ୱଳ୍ପ'ରେ ଥିବା କିଛି କାହାଣୀରେ ନୀତିଶିକ୍ଷା ଓ ମନୋରଞ୍ଜନର ସମନ୍ୱୟ ରହିଛି । ସେ ପିଲାମାନଙ୍କୁ କାହାଣୀ ମାଧ୍ୟମରେ ସତ୍ୟବାଦିତା, ପରିଶ୍ରମ ଓ ଦେଶପ୍ରେମର ଶିକ୍ଷା ଦେଉଥିଲେ ।

ଭାଷା ଓ ଶୈଳୀର ବିଶେଷତ୍ୱ:-

ଫକୀରମୋହନଙ୍କ ଶିଶୁ ସାହିତ୍ୟର ସବୁଠାରୁ ବଡ଼ ସଫଳତା ହେଉଛି ତାଙ୍କର ଭାଷା । ସେ ସେତେବେଳର କ୍ଲିଷ୍ଟ ସଂସ୍କୃତ ଶବ୍ଦ ବଦଳରେ ଘରୋଇ ଓଡ଼ିଆ ଶବ୍ଦ (ତଦ୍ଭବ ଓ ଦେଶଜ) ବ୍ୟବହାର କରୁଥିଲେ ।

ସରଳତା:- ତାଙ୍କ ଲେଖାଗୁଡ଼ିକ ପଢ଼ିଲେ ମନେହୁଏ ଯେମିତି ଜଣେ ଜେଜେବାପା ତାଙ୍କ ନାତିନାତୁଣୀଙ୍କୁ ଗପ କହୁଛନ୍ତି ।

ବ୍ୟଙ୍ଗ ଓ ରସିକତା:- ପିଲାମାନଙ୍କୁ ହସାଇ ହସାଇ ଶିକ୍ଷା ଦେବାର କଳା ଫକୀରମୋହନଙ୍କୁ ଜଣାଥିଲା । ତାଙ୍କର ସ୍ୱାଭାବିକ ହାସ୍ୟରସ ଶିଶୁ ସାହିତ୍ୟକୁ ରସାଣିତ କରିଥିଲା ।

ଶିଶୁ ସାହିତ୍ୟର ବିକାଶରେ ପ୍ରେରଣା:-

ଫକୀରମୋହନଙ୍କ ପରେ ଓଡ଼ିଆ ଶିଶୁ ସାହିତ୍ୟରେ ଏକ ନୂତନ ଯୁଗର ଆରମ୍ଭ ହେଲା । ମଧୁସୂଦନ ରାଓ (ବର୍ଣ୍ଣବୋଧ) ଓ ଫକୀରମୋହନଙ୍କ ମିଳିତ ପ୍ରୟାସରେ ଓଡ଼ିଆ ପ୍ରାଥମିକ ଶିକ୍ଷାର ମୂଳଦୁଆ ପଡ଼ିଥିଲା । ଫକୀରମୋହନଙ୍କ ପ୍ରଭାବରେ ପରବର୍ତ୍ତୀ ସମୟରେ ଅନେକ ସାହିତ୍ୟିକ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଲେଖିବାକୁ ଆଗ୍ରହୀ ହେଲେ ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଫକୀରମୋହନ ସେନାପତିଙ୍କ ଶିଶୁ ସାହିତ୍ୟ କେବଳ ପିଲାମାନଙ୍କ ପାଇଁ କିଛି ଗପ ବା କବିତା ନଥିଲା, ବରଂ ଏହା ଥିଲା ଏକ ଜାତିକୁ ଗଢ଼ିବାର ଅଭିଯାନ । ସେ ନିଜର ଲେଖନୀ ଚାଳନା କରି ଓଡ଼ିଆ ଶିଶୁମାନଙ୍କୁ ସ୍ୱାଭିମାନୀ ଓ ଶିକ୍ଷିତ କରିବାକୁ ପ୍ରୟାସ କରିଥିଲେ । ଆଜିର ସମୟରେ ମଧ୍ୟ ତାଙ୍କର ସରଳ ଶୈଳୀ ଓ ଭାଷା ଶିଶୁ ସାହିତ୍ୟିକମାନଙ୍କ ପାଇଁ ଏକ ପଥପ୍ରଦର୍ଶକ ହୋଇ ରହିଛି । ତାଙ୍କର ଅମର ସୃଷ୍ଟି ଓଡ଼ିଆ ସାହିତ୍ୟ ଆକାଶରେ ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ । ▢▢▢

କଟକ
ମୋବାଇଲ୍ ନଂ-୮୨୪୯୦୨୧୪୨୪

ପ୍ରାଚୀନ ତାଳଚେରର ବୌଦ୍ଧକାଳୀନ ସଭ୍ୟତା

✍ ବିଭୂତି ଭୂଷଣ ସାହୁ

ସ୍ୱର୍ଗତ ବିଭୂତି ଭୂଷଣ ସାହୁ ଥିଲେ ଏକାଧାରାରେ ଜଣେ ଗବେଷକ, ପ୍ରାବନ୍ଧିକ ତଥା ଜଣେ ଦକ୍ଷ ସଂଗଠକ । ସମ୍ବାଦ ସାହିତ୍ୟ ଘର, ସାଉଥବଲଣ୍ଡା ଶାଖାର ସେ ଥିଲେ ସଭାପତି । ତାଙ୍କ ଅକାଳ ବିୟୋଗରେ ସମ୍ବାଦ ସାହିତ୍ୟ ଘର ପରିବାର ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ଏକ ପ୍ରବନ୍ଧକୁ ଏଠାରେ ସ୍ଥାନିତ କରୁଛୁ । – ସଂପାଦକ

ତାଳଚେରର ପ୍ରାଚୀନ ସଭ୍ୟତାକୁ ଅବଲୋକନ କରାଗଲେ ବ୍ରାହ୍ମଣୀ ନଦୀ ଅବବାହିକାରେ ଏକ ପ୍ରାଚୀନ ନଗର ସଭ୍ୟତା ବିକଶିତ ଥିଲା ଓ କାଳକ୍ରମେ ପ୍ରକୃତିର ତାଣ୍ଡବରେ ବିଲୀନ ହୋଇଗଲା । ଏହି ସଭ୍ୟତାର ପ୍ରତ୍ନତତ୍ତ୍ୱରୁ ଯଦି କିଞ୍ଚିତ୍ ବର୍ତ୍ତମାନ ଦୃଶ୍ୟମାନ ହୁଏ ତାର ଏକ ବିବରଣୀ ଏହି ପ୍ରବନ୍ଧରେ ଉଲ୍ଲେଖ କରାଗଲା ।

ତାଳଚେରର ବ୍ରାହ୍ମଣୀ ଅବବାହିକାରେ ବହୁ ସ୍ଥାନରେ ବୌଦ୍ଧକାଳୀନ ସଭ୍ୟତାର ସୂଚନା ମିଳିଥାଏ । ଏହି ଅବବାହିକାରେ ନଦୀ ଶଯ୍ୟାରେ ବୌଦ୍ଧ ମଠ, ଉପାସନା କେନ୍ଦ୍ର ରହିଥିଲା ଯାହାକି ଲଳିତଗିରିଠାରେ ଥିବା ବୌଦ୍ଧ ଉପାସନା ସହ ପ୍ରତ୍ୟକ୍ଷ ଭାବେ ଜଡିତ ତଥା ସମକାଳୀନ ବୌଦ୍ଧ ଉପାସନା କେନ୍ଦ୍ର ଭାବେ ସୁଖ୍ୟାତ ଥିଲା । ପ୍ରଥମ ତାଳଚେରର ପୂର୍ବ ସୀମା ଝାଡିଅମ୍ବା, ପଶ୍ଚିମେଶ୍ୱର ଶିବ ମନ୍ଦିର, ରେମୁଆସ୍ଥିତ ଖଣ୍ଡୁଆଳ ବଂଶର ପୀଢ଼, ସମଲ ନିକଟସ୍ଥ ବଲାଙ୍ଗୀ ଶିବ ମନ୍ଦିର, ବାରୁଆ ନିକଟସ୍ଥ ଭାଇ ଭଉଣୀ ପୀଢ଼ ସ୍ଥଳୀ ଓ ଦୁର୍ଗାପୁର ଗ୍ରାମର ଦୁର୍ଗା ମନ୍ଦିରମାନଙ୍କରେ ବୌଦ୍ଧ କାଳୀନ ବହୁ ପ୍ରତ୍ନତାତ୍ତ୍ୱିକ ଅବଶେଷ ପ୍ରାପ୍ତ ହୋଇଥାଏ । ତାଳଚେରରୁ ପ୍ରାପ୍ତ ତମ୍ବାପତ୍ରର ପାଠୋଦ୍ଧାରରୁ ଏହି ପ୍ରାଚୀନ ବୌଦ୍ଧ କାଳୀନ ସଭ୍ୟତାର ସନ୍ଧାନ ମିଳିଥାଏ । ଏହି ତାମ୍ରପତ୍ରଟି ଭୌମାବ୍ଦ ୧୪୯=୮୮୫ ଖ୍ରୀଷ୍ଟାବ୍ଦରେ ଉତ୍କୀର୍ଣ୍ଣ ହୋଇଥିଲା । ୧୯୩୨ ମସିହାରେ ତାଳଚେରର ଜଗତି ଗ୍ରାମରୁ ମିଳିଥିବା କେତେକ ତାମ୍ରପତ୍ରରେ ଶିବକରଦେବଙ୍କ ପ୍ରଦତ୍ତ ତାମ୍ରପତ୍ରରେ କଲ୍ଲୀଣ ନାମକ ଗ୍ରାମର ସମସ୍ତ ରାଜସ୍ୱ ଜୟାଶ୍ରମ ବିହାରର ବୁଦ୍ଧ ଭଟ୍ଟାରକଙ୍କ ଉଦ୍ଦେଶ୍ୟରେ ଦାନ କରାଯାଇଥିବାର ସୂଚନା ମିଳିଥାଏ । ତାଳଚେରରୁ ମିଳିଥିବା ସୂଚନାକୁ ଉଲ୍ଲେଖ କରି ଶ୍ରୀ ବିନାୟକ ମିଶ୍ର ଉଲ୍ଲେଖ କରିଛନ୍ତି, ଜଗତି ଠାରେ ଏକ ବଡ଼ ମାଟିକୁଦ ସମୀପବର୍ତ୍ତୀରେ କେତେକ ବୌଦ୍ଧ ସ୍ଥାପତ୍ୟ ଓ ମୂର୍ତ୍ତି ପଡ଼ିରହିଛି । କୋଲିୟରୀ ମେନେଜର କେତେକ କୁଲିଙ୍କ ଦ୍ୱାରା ଏକ ପୁରାତନ କୂପର ପୁନଃ ଖନନ ବେଳେ ଏହାର ନିମ୍ନ ଭାଗରୁ ଏହି ତାମ୍ରପତ୍ରଗୁଡିକ ପ୍ରାପ୍ତ ହୋଇଥିଲା । ଏହି ସ୍ଥାନଟିର ନାମ ଜଗତି ଏହି ସ୍ଥାନରୁ(ଯେଉଁ କୂଅରୁ ଏହି ତମ୍ବାପଟ୍ଟା ପ୍ରାପ୍ତ ହୋଇଥିଲା ସେହି କୂଅଟି ବର୍ତ୍ତମାନ ଅଛି) ଏହି ତାମ୍ରପତ୍ରଗୁଡ଼ିକ ପ୍ରାପ୍ତ ହୋଇଥିବାରୁ ଏହି ଜଗତିକୁ ଜୟାଶ୍ରମ ବିହାର ବୋଲି ଚିହ୍ନିତ କରିଛନ୍ତି ।

ଯେଉଁ ସ୍ଥାନରେ ଏହି ଦେଉଳବଡ଼ା କୋଇଲା ଖଣି ରହିଛି,ଏହି ସ୍ଥାନର ପୂର୍ବ ନାମ ଜଗତି । ଯାହାକି ପଞ୍ଚଦଶ ଶତାବ୍ଦୀରେ ତାଳଚେର ରାଜ୍ୟ ସ୍ଥାପନ ପୂର୍ବରୁ ରେମୁଆଁ ଗଡ଼ର ରାଜଧାନୀ ଥିଲା । ଖଣ୍ଡୁଆଳ ବଂଶ ଏହାର ଶାସକ ଥିଲେ । ଏହି ସ୍ଥାନରେ ବର୍ତ୍ତମାନ ମଧ୍ୟ ଏକ ଦେବୀ ପିଢ଼ ରହିଛି । ଏହି ଦେବୀଙ୍କୁ ପାଟବୋରୀ ନାମରେ ବାର୍ଷିକ ପୂଜା ହୋଇଥାଏ । ଯେଉଁ କୂପରୁ ଏହି ତାମ୍ରପତ୍ର ମିଳିଥିଲା ଏହି କୂପଟି ବର୍ତ୍ତମାନ ମଧ୍ୟ ଏହି ପିଢ଼ର ୫୦ ମିଟର ଦୂରତାରେ ରହିଛି । ଏହି ପିଢ଼ରେ ଯେଉଁ ପ୍ରତିମାଟି ପୂଜା ହେଉଛି ତାହା ଏକ ପ୍ରାଚୀନ ପ୍ରସ୍ତର ମୂର୍ତ୍ତି । ଏହା ଏପରି କ୍ଷୟିତ ଅବସ୍ଥାରେ ରହିଛି ଯେ–ଏହା କି ମୂର୍ତ୍ତି ଜାଣି ହେଉ ନାହିଁ । ଏହା ଏହ ପୁରାତନ ଦେବୀ ମୂର୍ତ୍ତି ପ୍ରତୀୟମାନ ହୋଇଥାଏ । ଏଠାରେ ବର୍ତ୍ତମାନକୁ ଅନ୍ୟ କୌଣସି ବୌଦ୍ଧ କାଳୀନ ମୂର୍ତ୍ତି ବା ସ୍ଥାପତ୍ୟ ଦେଖାଯାଏ ନାହିଁ । ଏହି ସ୍ଥାନଟି

ବର୍ତ୍ତମାନକୁ ଦେଉଳବଡ଼ା କଲୋନୀର ମଧ୍ୟ ଭାଗରେ ରହିଅଛି । ଏହାର ତଳ ଭାଗରେ ଏହି ଦେବୀ ପିଢ଼ ଓ କୂପ ଅଛି । ଏଠାରେ କୌଣସି ମାଟି କୁଦ ନାହିଁ । ଏହି ସ୍ଥାନର ନିକଟବର୍ତ୍ତି ଗ୍ରାମ ଦେଉଳବଡ଼ା। ତାଳଚେର ବ୍ଲକ କାର୍ଯ୍ୟାଳୟଠାରୁ ୩୦୦ମିଟର ଦୂରତାରେ ଏହି ସ୍ଥାନଟି ଅବସ୍ଥିତ । ପଶ୍ଚିମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ-ତାମ୍ରପତ୍ର ଅନୁଯାୟୀ ଜୟାଶ୍ରମ ବୌଦ୍ଧ ବିହାରରେ ବୁଦ୍ଧ ଭଟ୍ଟାରଙ୍କ ଏକ ମୂର୍ତ୍ତି ପୂଜା ପାଉଥିଲା । ସେହିପରି ତାଳଚେର ସହରର ଅନତି ଦୂରରେ ଥିବା ପଶ୍ଚିମେଶ୍ୱର ମନ୍ଦିରରେ କେତେକ ବୌଦ୍ଧ ମୂର୍ତ୍ତି ପରିଲକ୍ଷିତ ହୋଇଥାଏ । ଏହି ବିଶାଳ ବୁଦ୍ଧ ମୂର୍ତ୍ତିଟି ବର୍ତ୍ତମାନ ପଶ୍ଚିମେଶ୍ୱର ମନ୍ଦିର ବେଢ଼ାରେ ସ୍ଥାପନ କରାଯାଇଛି । ଏହି ବିଶାଳ ବୁଦ୍ଧ ମୂର୍ତ୍ତିର ଉର୍ଦ୍ଧ୍ୱ ଭାଗ ଯାହାକି **୫** ଢ **୩** ଢ **୦.୬** ଫୁଟ ବିଶିଷ୍ଟ ଧ୍ୟାନ ମୁଦ୍ରାରେ ଥିବା ଏହି ମୂର୍ତ୍ତିର ଉତ୍ତରୀୟ ଓ ଉପବୀତ ସ୍ପଷ୍ଟ ଭାବରେ ଦେଖାଯାଏ । ଶୁଣାଯାଏ ଏହି ମୂର୍ତ୍ତିଟି ଝାଡ଼ିଅମ୍ବା ଠାରେ ଖଣ୍ଡି ବିଖଣ୍ଡିତ ଭାବେ ପଡ଼ି ରହିଥିଲା । ଯାହାକୁ ସେଠାରୁ ରାଜାଙ୍କ ଦ୍ୱାରା ସଂଗ୍ରହ କରାଯାଇ ଖଣ୍ଡଗୁଡ଼ିକ ଯୋଡ଼ା ଯାଇ ମନ୍ଦିର ବେଢ଼ାରେ ସ୍ଥାପନ କରା ଯାଇଛି । ଏହି ସ୍ଥାପିତ ବିଶାଳ ବୁଦ୍ଧ ମୂର୍ତ୍ତିଟି ଜୟାଶ୍ରମ ବିହାରର ବୁଦ୍ଧ ଭଟ୍ଟାରକଙ୍କ ବୋଲି ଚିହ୍ନିତ ହୋଇଛି । ଏହା ସହ ଅନ୍ୟ ଏକ ବୁଦ୍ଧ ମୂର୍ତ୍ତି ଯାହାକି ୨ ଫୁଟ ୪ ଇଞ୍ଚ ଓ ୧ଫୁଟ ୯ ଇଞ୍ଚ ଫୁଟ ବିଶିଷ୍ଟ ପ୍ରୟାଙ୍କସନ ମୁଦ୍ରାରେ ଥିବା ଏକ ପ୍ରସ୍ତର ଖୋଦଇେ ମୂର୍ତ୍ତି । ଏହି ମୂର୍ତ୍ତିର ଉର୍ଦ୍ଧ୍ୱ ଭାଗରେ ଦୁଇଟି ମୟୁରର ଭଗ୍ନ ଅଂଶ ରହିଛି । ଏହି ପ୍ରକାରର ବୁଦ୍ଧ ମୂର୍ତ୍ତିଗୁଡ଼ିକ ରତ୍ନଗିରି ଓ ଲଳିତଗିରିଠାରେ ଦେଖାଯାଏ । ଏହି ଦୁଇ ବୌଦ୍ଧ ମୂର୍ତ୍ତି ବ୍ୟତୀତ ବେଠା ଭିତରେ ତାରା, ମହାରାଜଲିଳା ମଞ୍ଜୁଶ୍ରୀ(ବଜ୍ରପାଣି)ଙ୍କ ମୂର୍ତ୍ତି ରହିଅଛି । ଏହି ଦେବୀମାନେ ବୌଦ୍ଧ ପନ୍ଥା ସହଜ ଯାନର ତନ୍ତ୍ର ଦେବୀ । ଅନ୍ୟ କୌଣସି ବୌଦ୍ଧ କାଳୀନ ସ୍ଥାପତ୍ୟର ଅବଶେଷ ମନ୍ଦିର ପାଖରେ ଦେଖାଯାଏ ନାହିଁ । ପଶ୍ଚିମେଶ୍ୱର ମନ୍ଦିରରେ ଏହି ବୁଦ୍ଧ ମୂର୍ତ୍ତି ଥିବାରୁ କେତେକ ସ୍ଥାନକୁ ଜୟାଶ୍ରମ ବିହାର ବୋଲି ଚିହ୍ନିତ କରିଥାନ୍ତି ଓ ବୌଦ୍ଧକାଳୀନ ସ୍ଥାପତ୍ୟକୁ ନଷ୍ଟ କରି ଶିବ ମନ୍ଦିର ସ୍ଥାପନ ହୋଇଛି ବୋଲି ମତବ୍ୟକ୍ତ କରିଥାନ୍ତି ।

ଜୟାଶ୍ରମ ବିହାର ଅବସ୍ଥିତି ସନ୍ଧାନ କରିବାକୁ ଉପରୋକ୍ତ ଦୁଇ ସ୍ଥାନ ବ୍ୟତୀତ ତାଳଚେର ସହରର ନିକଟବର୍ତ୍ତୀ ସ୍ଥାନର ପର୍ଯ୍ୟବେକ୍ଷଣରୁ ଯେଉଁ ତଥ୍ୟ ଉନ୍ମୋଚିତ ହେଉଛି, ସେହି ସ୍ଥାନର ଧ୍ୱଂସାବଶେଷରେ ଜୟାଶ୍ରମ ବିହାରର ଅବସ୍ଥିତି ଦୃଢୀଭୂତ ହୁଏ । ତାଳଚେର ସହରଠାରୁ ଦକ୍ଷିଣକୁ ୧୦କି.ମି.ଦୂରତାରେ ବ୍ରାହ୍ମଣୀ ନଦୀ ତଟରେ ଦୁଇଟି ରାଜସ୍ୱ ଗ୍ରାମ ଝାଡ଼ିଅମ୍ବା ଓ ହାତୁରୀପାଳ ନାମରେ ରହିଛି । ଝାଡ଼ିଅମ୍ବା ଏକ ସ୍ୱଳ୍ପ ଜନ ସଂଖ୍ୟା ବିଶିଷ୍ଟ ଗ୍ରାମ । ଏହା ତାଳଚେର ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ଓ ନନ୍ଦିରା ନଦୀର ସନ୍ନିକଟରେ ଅବସ୍ଥିତ । ଝାଡ଼ିଅମ୍ବା ଗ୍ରାମର ଶେଷ ଭାଗରେ ଅଛି ପ୍ରାଣେଶ୍ୱର ଶିବ ମନ୍ଦିର । ଏହି ମନ୍ଦିର ୧୯୮୪ ମସିହାରେ ନିର୍ମିତ ହେଲା । ଏହି ପ୍ରାଣେଶ୍ୱର ମନ୍ଦିର ନିର୍ମାଣ ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ କିଛି ସୂଚନା ମିଳିଥାଏ । ଝାଡ଼ିଅମ୍ବା ଗ୍ରାମର ସ୍ଥାପନ ପ୍ରାୟ ୧୦୦ ବର୍ଷ ହେବ । ଗ୍ରାମର ଶେଷ ଭାଗରେ ଘନ ଜଙ୍ଗଲ ସହ ଘାସ ଇଟା ପୂର୍ଣ୍ଣ ଏକ ବଡ଼ କୁସୁମ ଗଛ ଥିଲା । ଏହି ଗଛ ମୂଳରେ ଏକ ଗୋଲାକାର ପ୍ରସ୍ତର ସ୍ତମ୍ଭ ମାଟିର ଅଳ୍ପ ଉପରକୁ ଦେଖା ଯାଉଥିଲା । ଗ୍ରାମବାସୀ ଏଠାରେ ଗ୍ରାମେଶ୍ୱରୀ ପୀଢ ସ୍ଥାପନ କରି ଏହି ସ୍ତମ୍ଭାକୃତି ପ୍ରସ୍ତରକୁ ପ୍ରାଣେଶ୍ୱରୀ ନାମରେ ଗ୍ରାମେଶ୍ୱରୀ ଦେବୀ ଭାବରେ ବାର୍ଷିକ ପିଢ଼ ପୂଜା କରି ବଳି ଦେଉଥିଲେ । ଏହି ଗ୍ରାମେଶ୍ୱରୀ ପିଢ଼ ପାଖରେ ମନ୍ଦିର ନିର୍ମାଣ କରିବା ପାଇଁ ଜଙ୍ଗଲ ସ‘। କରିବା ବେଳେ ଅଳ୍ପ ଖନନରେ ସ୍ତମ୍ଭର କେତେକ ଅଂଶ ପ୍ରାପ୍ତ ହେଲା । ଏହା ସହ କେତେକ ମୂର୍ତ୍ତି, ବୃଷଭ, ତମ୍ଭା ନାଗ ବେଷ୍ଟିତ ଏକ ପ୍ରସ୍ତର ସ୍ତମ୍ଭ ମିଳିଥିଲା । କେତେକ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ଓ କେତେକ ପୋଡ଼ା ଇଟା ପ୍ରାପ୍ତ ହୋଇଥିଲା । ଏହି ସବୁ ତଥ୍ୟ ମିଳିବା ପରେ ଏଠାରେ ପୂର୍ବରୁ ଏକ ଶିବ ମନ୍ଦିର ଥିବାର ଜଣା ପଡିଲା । କୁସୁମ ବୃକ୍ଷ ମୂଳରେ ଥିବା ବଡ଼ ପ୍ରସ୍ତର ସ୍ତମ୍ଭକୁ ମଧ୍ୟ ଭାଗରେ ଲିଙ୍ଗ ରୂପେ ରଖି ମନ୍ଦିର ନିର୍ମାଣ ହେଲା । ସ୍ତମ୍ଭର ଅନ୍ୟ ଅଂଶଗୁଡିକୁ ମନ୍ଦିର ବେଢ଼ାରେ ଶିବ ଲିଙ୍ଗ ଭାବରେ ସ୍ଥାପନ କରାଗଲା । ଅନ୍ୟ କେତେକ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ଖଣ୍ଡ ମନ୍ଦିରର ଚଉତରାରେ ଖଞ୍ଜା ଯାଇଛି, ଯାହାକି ଦୀର୍ଘ ବର୍ଷ ମାଟି ତଳେ

ରହି କ୍ଷୟ ହୋଇଯାଇଛି । କେତେକକୁ ରଙ୍ଗ ଦିଆଯାଇ ବିକୃତ କରାଯାଇଛି । ମନ୍ଦିର ବେଢ଼ା ବାହାରେ ମାଟି ତଳୁ ପ୍ରାପ୍ତ ଦୁଇଟି ପ୍ରସ୍ତର ମୂର୍ତ୍ତି ସ୍ଥାପନା କରାଯାଇଛି । ଏହା ସହ ବୌଦ୍ଧକାଳୀନ ବେଲ କାପିଟାଲର ଏକ ଅଂଶ ପଡ଼ି ରହିଛି । ମନ୍ଦିର ଭିତରେ ଥିବା ସ୍ତମ୍ଭର ଏକ ଭଗ୍ନ ଅଂଶ ମଧ୍ୟ ବେଢ଼ାରେ ପଡ଼ିଥିବାର ଦେଖା ଯାଏ । ମନ୍ଦିର ଠାରୁ ପୂର୍ବକୁ ଏକ କିଲୋମିଟର ଦୂରତାରେ କେତେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳିଥାଏ । ନଦୀକୂଳରେ ଥିବା ମଠ ପରିସରରେ ମାଟି ଭିତରେ ଏକ ପ୍ରସ୍ତର ନିର୍ମିତ ପାବଚ୍ଛ ସହ କେତେକ ମୂର୍ତ୍ତି ପଡ଼ିଥିବାର ଦେଖାଯାଏ ।

ବ୍ରାହ୍ମଣୀ ତଟ ସଂଲଗ୍ନ ଅଞ୍ଚଳ ତଥା ପ୍ରାଣେଶ୍ୱର ମନ୍ଦିର ପରିସରରୁ ପ୍ରାପ୍ତ ପୁରାତାତ୍ତ୍ୱିକ ଅବଶେଷକୁ ପର୍ଯ୍ୟାଲୋଚନା କଲେ କିଛି ନୂତନ ତଥ୍ୟର ସୂଚନା ମିଳିଥାଏ । ବର୍ତ୍ତମାନର ପ୍ରାଣେଶ୍ୱର ମନ୍ଦିରରେ ଶିବ ଲିଙ୍ଗ ରୂପେ ପୂଜା ପାଉଥିବା ପ୍ରସ୍ତର ସ୍ତମ୍ଭର ବାହ୍ୟ ଅଂଶର ୧.୫ମିଟର । ନିମ୍ନ ଅଂଶ ଭୂପତନରେ ମୋଟେଇ ୨.୫ମିଟର ଓ ଉର୍ଦ୍ଧ୍ୱ ଅଂଶର ଗୋଲେଇ ୨ ମିଟର । ଏହି ସ୍ତମ୍ଭଟି ଦକ୍ଷିଣକୁ ସାମାନ୍ୟ ଢଳି ରହିଛି । ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ-ମନ୍ଦିର ନିର୍ମାଣ ସମୟରେ ଏହି ସ୍ତମ୍ଭର ନିମ୍ନ ଭାଗକୁ ଖୋଳା ଯାଇଥିଲା । ଦୁଇ ମିଟର ଗଭୀରତାରେ ଚାରି ଖଣ୍ଡ ପଥର ଦ୍ୱାରା ସ୍ତମ୍ଭକୁ ସମାନ୍ତରାଳ ଭାବରେ ରଖା ଯାଇଛି । ସ୍ତମ୍ଭଟି ସଂପୂର୍ଣ୍ଣ ଢଳି ପଡିବା ଭୟରେ ଅଧିକ ଖନନ କରାଯାଇ ନ ଥିଲା । ନିର୍ମାଣ ବେଳେ ଲିଙ୍ଗ(ସ୍ତମ୍ଭ)କୁ ମଜଭୁତ କରିବାକୁ ସିମେଣ୍ଟ କଂକ୍ରିଟ ଭରି ଦିଆଗଲା । ଭୂସମରୁ ଦେଖାଯାଉଥିବା ଅଂଶର ଲମ୍ବ ୪ ମିଟର । ମନ୍ଦିର ବେଢ଼ାରେ ସ୍ତମ୍ଭର ଏକ ଅଂଶକୁ ଶିବଲିଙ୍ଗ ଭାବରେ ସ୍ଥାପନ କରାଯାଇଅଛି । ଏହି ଅଂଶଟି ସ୍ତମ୍ଭର ଉପର ଅଂଶ । ଏହି ସ୍ତମ୍ଭାଂଶ ୧ମିଟର ଉଚ୍ଚତା ବିଶିଷ୍ଟ । ଏହା ଭୂପତନ ଠାରୁ ୦.୭୫ମି. ଓ ଚଟାଣ ଭିତରେ ୦.୨୫ମି. ରହିଅଛି । ଏହାର ନିମ୍ନ ଅଂଶର ମୋଟେଇ ୧.୮୦ମି. ତଥା ଉପର ଅଂଶର ଗୋଲାକାର ୦.୬୦ମିଟର । ମନ୍ଦିର ପରିସରରେ ଥିବା କୁସୁମ ବୃକ୍ଷ ଚଉତରାରେ ସ୍ତମ୍ଭର ଦୁଇ ଖଣ୍ଡ ଭଗ୍ନ ଅଂଶ ରହିଛି । ଉଚ୍ଚତା ୦.୪୦ମି. । ଏହି ଖଣ୍ଡରୁ ସ୍ତମ୍ଭର ପ୍ରକୃତ ସ୍ୱରୂପ ଜଣାପଡ଼େ । ଅନ୍ୟ ଅଂଶ ଗୁଡ଼ିକରେ ନିୟମିତ ପୂଜା କରି ଚୂଆ ଚନ୍ଦନ ପ୍ରଲେପ ଦ୍ୱାରା ପ୍ରସ୍ତରର ରଙ୍ଗ ଜଣାପଡ଼େ ନାହିଁ । ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ-ଖନନ ସମୟରେ ସ୍ତମ୍ଭର ଅଂଶ ଗୁଡ଼ିକ ଈଷତ୍ ଲାଲ ରଙ୍ଗ ବିଶିଷ୍ଟ ଥିଲା । ପୂଜା ପାଉଥିବା ସ୍ତମ୍ଭଗୁଡିକ ଆଦୌ ଲିଙ୍ଗାକୃତ ନୁହେଁ । ଉକ୍ତ ତଥ୍ୟାବଳୀରୁ ଜଣା ପଡ଼େ ଯେ, ପ୍ରାଣେଶ୍ୱର ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ଏକ ବୌଦ୍ଧ କାଳୀନ ପ୍ରସ୍ତର ସ୍ତମ୍ଭ । ବର୍ତ୍ତମାନକୁ ବାହ୍ୟ ଭାବେ ଥିବା ସ୍ତମ୍ଭାଂଶର ଉଚ୍ଚତା ୪ ମିଟର ଓ ମନ୍ଦିର ଚଟାଣ ନିମ୍ନରେ ୨ ମିଟର ମୂଳ ଅଂଶ ରହିଅଛି । ଏଣୁ ସ୍ତମ୍ଭର ସମ୍ଭାବ୍ୟ ଉଚ୍ଚତା ୬.୫୦ମିଟର । ଅନ୍ୟ କୌଣସି ଭଗ୍ନ ଅଂଶ ମିଳି ନାହିଁ । ସମସ୍ତ ଅଂଶଗୁଡିକ ଉଦ୍ଧାର ହୋଇ ପାରି ନ ଥିବାରୁ ଏହାର ଲମ୍ବ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ମନ୍ଦିର ପାଖରେ ନିର୍ମିତ ଚଉତରାର ଚାରି ପାଖରେ କେତେକ କଳାକୃତି ସମ୍ବଳିତ ପ୍ରସ୍ତର ଖଣ୍ଡ ଖଞ୍ଜା ଯାଇଛି । କୌଣସି ଗୋଲାକାର ଖଣ୍ଡରେ ଏହି କଳାକୃତି ପୂର୍ବରୁ ବ୍ୟବହାର ହୋଇଥିବାର ଦେଖାଯାଏ । ଚିତ୍ରଗୁଡିକରେ ହାତୀ,ସିଂହ,ବଳଦ,ଧାବମାନ ପୁରୁଷ ଓ ସ୍ତ୍ରୀମାନଙ୍କର ପ୍ରସ୍ତର ଖୋଦେଇ ଚିତ୍ର ମିଳିଥାଏ । କେତେକ କାରୁକାର୍ଯ୍ୟ ନଷ୍ଟ ହୋଇ ଯାଇଥିବାରୁ ଓ ରଙ୍ଗ ଲେପନ ଯୋଗୁଁ ଚିତ୍ରାବଳୀ ସ୍ୱଷ୍ଟ ଦେଖାଯାଏ ନାହିଁ । ଏହି ଖୋଦେଇ ଚିତ୍ରକଳାରେ କୌଣସି ହିନ୍ଦୁ ଦେବାଦେବୀ ଚିତ୍ର ଦେଖାଯାଏ ନାହିଁ । ସ୍ତମ୍ଭର ନିମ୍ନ ଭାଗରେ ଏହି ପ୍ରସ୍ତର ଚିତ୍ରଗୁଡିକ ସ୍ଥାନ ପାଇଥିଲା । କୁସୁମ ଗଛ ତଳେ ଏକ ଗୋଲାକୃତି ପଦ୍ମ ପାଖୁଡା ପରି ଅଳଙ୍କୃତ ଖଣ୍ଡେ ପ୍ରସ୍ତରର ଅଂଶ ରହିଛି । ଉପର ଅଂଶରେ ଭଗ୍ନ ଚିହ୍ନ ରହିଛି । ସଂପୂର୍ଣ୍ଣ ଅଂଶଟି ଉଦ୍ଧାର ହୋଇପାରି ନାହିଁ । ଏହା ସ୍ଥାନୀୟ ନଦୀରେ ଥିବା ଗ୍ରାନାଇଟ୍ ପଥରରେ ନିର୍ମିତ । ଯାହାକି ଏକ ବେଲ କାପିଟାଲର ଅଂଶବିଶେଷ । ମନ୍ଦିର ପରିସରରେ ପୋଡ଼ା ଇଟା ରହିଛି । ଏହି ଇଟାର ଉପର ଅଂଶ ବର୍ତ୍ତୁଳାକାର । ଯାହାକି କୌଣସି ପାଚେରୀ ବା କାନ୍ଥର ଉପର ଅଂଶରେ ବ୍ୟବହାର ହୋଇଥିଲା । ଇଟାର ଚଉଡା ୭.୫ ଇଞ୍ଚ ଉଚ୍ଚତା ୫.୫ ଇଞ୍ଚ ଓ ବର୍ତ୍ତୁଳ ୧୬.୫ ଇଞ୍ଚ । ଅନ୍ୟ କେତେକ ଇଟା ୧୦.୩ ଇଞ୍ଚ ବିଶିଷ୍ଟ ଥିଲା । ଏହିସବୁ ତଥ୍ୟାବଳୀ ସହିତ ମନ୍ଦିର ଚାରି ପାଖରେ ବହୁ ପ୍ରସ୍ତର ଖଣ୍ଡ ବିକ୍ଷିପ୍ତ ଭାବରେ ପଡ଼ିଛି ଓ କେତେକ ପଥର ଖଣ୍ଡ ସ୍ଥାନାନ୍ତରିତ ହୋଇଛି ।

ପ୍ରାଣେଶ୍ୱର ମନ୍ଦିରଠାରୁ କିଛି ଦୂରରେ ବ୍ରାହ୍ମଣୀ ନଦୀ କୂଳରେ ଏକ ଭଗବତ ଆଶ୍ରମ ୧୯୮୦ମସିହାରେ ନିର୍ମିତ ହୋଇଛି । ଆଶ୍ରମ ନିର୍ମାଣ ପାଇଁ ଭୂଖୋଦନ ସମୟରେ ନଦୀ ଭିତରୁ ଏକ ପ୍ରସ୍ତର ପାବଚ୍ଛ ସହ ଦୁଇଟି ମୂର୍ତ୍ତି ପ୍ରାପ୍ତ ହୋଇଥିଲା । କେତେକ ଗୃହ ନିର୍ମାଣରେ ବ୍ୟବହୃତ ପଥର ଖଣ୍ଡ ମିଳିଥିଲା । ଏହି ପଥର ଖଣ୍ଡ ଗୁଡ଼ିକରେ ପରସ୍ପରକୁ ଯୋଡ଼ିବା ପାଇଁ ଲୁହା କୀଳକ ବ୍ୟବହାର ହୋଇଥିବାର ଚିହ୍ନ ଦେଖାଯାଏ । ଏଠାରୁ ପ୍ରାପ୍ତ ପଥର ଖଣ୍ଡ ଦ୍ୱାରା ଆଶ୍ରମର ନୂତନ ଘର ନିର୍ମାଣ ହୋଇଛି । ଏହି ସ୍ଥାନରୁ ଦୁଇଟି ପଥର ମୂର୍ତ୍ତି ଉଦ୍ଧାର କରାଯାଇ ଆଶ୍ରମ ପରିସରରେ ରଖା ଯାଇଛି । ଗୋଟିଏ ଉର୍ଦ୍ଧ୍ୱ ଭୂଜା ନାରୀ ମୂର୍ତ୍ତି ଓ ଅନ୍ୟଟି ଯୋଗାରୁଢ଼ ମୂର୍ତ୍ତି । ଏହି ବୁଦ୍ଧ ମର୍ତ୍ତିରେ ଶୁଙ୍ଗକାଳୀନ ସ୍ଥାପତ୍ୟ ପରିଲକ୍ଷିତ ହୋଇଥାଏ । ଦୀର୍ଘ ଦିନ ପରିତ୍ୟକ୍ତ ରହିବାରୁ ମୂର୍ତ୍ତିଗୁଡ଼ିକ କ୍ଷୟ ପରିଲକ୍ଷିତ ହୁଏ । ଆଶ୍ରମ ଚତୁଃପାର୍ଶ୍ୱରେ ବହୁ ପଥର ଖଣ୍ଡ ମାଟି ଭିତରେ ରହିଛି । ଏକ ଗୃହ ବା ମନ୍ଦିରର ନିମ୍ନାଂଶ ମାଟି ଭିତରେ ଥିବାର ପରିଲକ୍ଷିତ ହୁଏ । ନଦୀ ଭିତରୁ ଉପରକୁ ଆସିବାକୁ ମାଟି ତଳେ ଲୁକାୟିତ ଏକ ପାବଚ୍ଛ ଶ୍ରେଣୀ ଦେଖାଯାଏ । ଏହି ସ୍ଥାନରେ ଭୂଖନନ କରାଗଲେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ଦେଖାଯାଏ । ପ୍ରାଣେଶ୍ୱର ମନ୍ଦିରର ଦକ୍ଷିଣ ପୂର୍ବ ପାଖରେ ଅଧ କିଲୋମିଟର ଦୂରତାରେ ରହିଛି ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ନିର୍ମିତ ପାଉଁଶ ପୋଖରୀ । ବିଦ୍ୟୁତ୍ କେନ୍ଦ୍ର ପାଇଁ ଅଧିକୃତ ଅଞ୍ଚଳ । ଏଠାରେ ପଥର ନିର୍ମିତ କାନ୍ଥ ମାଟି ଭିତରେ ରହିଛି । ଏହି କାନ୍ଥରେ ବ୍ୟବହୃତ ପଥର ଖଣ୍ଡମାନ ଇତଃସ୍ତତ ଭାବରେ ପଡ଼ିରହିଛି । ଯାହାକି ପୂର୍ବରୁ ନିର୍ମାଣ ପାଇଁ ବ୍ୟବହାର ହୋଇଥିଲା । ବହୁ ଅଂଶରୁ ମାଟି ଖୋଳି ନିଆଯାଇ ଥିବାରୁ ପ୍ରକୃତ ସ୍ୱରୂପ ଜଣା ପଡ଼େ ନାହିଁ । ୩୦ ଢ ୪.୫ ମିଟର ଲମ୍ବ ବିଶିଷ୍ଟ ଏକ ଗୃହର ମୂଳ ପିଣ୍ଡିଅଂଶ ଦେଖାଯାଏ ଯାହାକି କେତୋଟି କୋଠରୀରେ ବିଭକ୍ତ ଥିଲା । ଏହା ଏକ ଚୈତ୍ୟ ବା ଉପାସନା ଗୃହର ଧ୍ୱଂସାବଶେଷ । ଏହି ସବୁ ପ୍ରସ୍ତର ଖଣ୍ଡ ସ୍ଥାନୀୟ ନଦୀ ଶଯ୍ୟାରେ ମିଳୁଥିବା ଖାଣ୍ଡେଲାଇଟ୍ ଶିଳାରେ ନିର୍ମିତ । ଏହି ଗୃହଟିର ସମ୍ମୁଖ ଭାଗ ପୂର୍ବମୁଖା ଥିଲା । ଏହି ଗୃହର ନିମ୍ନ ଭାଗରେ ଏକ ଉନ୍ନତ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଦେଖାଯାଏ । ପଥର ଖଣ୍ଡ ଗୁଡ଼ିକ ପରସ୍ପରକୁ ଯୋଡିବା ପାଇଁ କଟା ଯାଇ ଯୋଡ଼ା ଯାଇଛି ।

ଏହି ଗୃହର ସମ୍ମୁଖରୁ ୧୫ ମିଟର ଦୂରତାରେ ଏକ ମାଟି ନିର୍ମିତ ସ୍ତୂପର ଧ୍ୱଂସାବଶେଷ ଦେଖାଯାଏ । ଇଟା ପ୍ରସ୍ତୁତି ପାଇଁ ଅବୈଧ ମୃତ୍ତିକା ଖନନ ଯୋଗୁଁ ଏହାର କେତେକ ଅଂଶ ମେସିନ ଦ୍ୱାରା ଖୋଳା ଯାଇ ନଷ୍ଟ କରି ଦିଆଯାଇଛି । ଏହି ସ୍ତୂପର ଉଚ୍ଚତା ୪ ମିଟର ନିମ୍ନ ଭାଗର ଗୋଲେଇ ୭ ମିଟର ଓ ଉର୍ଦ୍ଧ୍ୱ ଭାଗର ଗୋଲେଇ ୪ ମିଟର । ଏହି ସ୍ତୂପଟି ପୋଡ଼ା ଇଟା ଦ୍ୱାରା ଆଚ୍ଛାଦିତ ଥିଲା । ସ୍ତୂପର ଉପର ଭାଗରେ ଆଚ୍ଛାଦିତ ଇଟା ଖଣ୍ଡଗୁଡ଼ିକର ଆକୃତି ୩୨ ଢ ୨୧ ଢ ୯ ସେମି. ବିଶିଷ୍ଟ । ସ୍ତୂପର ଶୀର୍ଷରେ ୧ଢ୦.୫ମିଟର ଉଚ୍ଚତା ବିଶିଷ୍ଟ କେତେକ ଖାଣ୍ଡେଲାଇଟ ପଥର ଖଣ୍ଡ ପଡ଼ିଛି, ଯାହାକି ପୂର୍ବରୁ ସ୍ତୂପର ଉର୍ଦ୍ଧ୍ୱ ଭାଗରେ ସ୍ଥାପନ କରାଯାଇଥିଲ । ସ୍ତୂପର ଏକ ଚତୁର୍ଥାଂଶ ମୃତ୍ତିକା ଖୋଳି ନିଆ ଯାଇଅଛି । ଏଣୁ ପ୍ରକୃତ ସ୍ୱରୂପ ଜଣା ପଡ଼େ ନାହିଁ । ସ୍ତୂପର ନିମ୍ନ ଭାଗରେ କେତେକ ପଥର ଖଣ୍ଡ ପଡ଼ି ରହିଛି । ଯାହାକି ସ୍ତୂପର ଉର୍ଦ୍ଧ୍ୱ ଭାଗରେ ବ୍ୟବହାର ହୋଇଥିଲା । ଏହି ସ୍ତୂପ ଓ ବିହାରର ପରିସର ଏକ ଏକର ପରିମିତ ସ୍ଥାନ ଉପରୋକ୍ତ ସର୍ବେକ୍ଷଣ ତଥ୍ୟାବଳୀରୁ ଏକଥା ସ୍ପଷ୍ଟ ଯେ,ଏହି ଅଞ୍ଚଳରେ ଏକ ପ୍ରାଚୀନ ସଭ୍ୟତା ଥିଲା ଓ ଯାହାକି ପୂର୍ବ ବର୍ଣ୍ଣିତ ଜୟାଶ୍ରମ ବୌଦ୍ଧ ବିହାରର ଧ୍ୱଂସାବଶେଷ । ଇତିହାସକାରମାନେ ତାମ୍ରପତ୍ରରୁ ଉଦ୍ଧାର କରି ଏହି ବୌଦ୍ଧ ବିହାର ତାଳଚେରର ବ୍ରାହ୍ମଣୀ ନଦୀ ତୀରରେ ଥିଲା ବୋଲି ବ୍ୟକ୍ତ କରିଛନ୍ତି ,କିନ୍ତୁ ସ୍ଥାନ ନିରୂପଣ କରିନାହାନ୍ତି ।

ଝାଡ଼ିଅମ୍ବା ପ୍ରାଣେଶ୍ୱର ମନ୍ଦିରରେ ଶିବଲିଙ୍ଗ ରୂପେ ପୂଜା ପାଉଥିବା ଓ ବେଢ଼ାରେ ଥିବା ଅଂଶଗୁଡ଼ିକୁ ଏକତ୍ର କଲେ ଏହାର ଲମ୍ବ ୬.୫ମିଟର ହୋଇଥାଏ । ଏହା ଏକ ବୌଦ୍ଧସ୍ତମ୍ଭ ବିଶେଷ,ଯାହାକି କାଳକ୍ରମେ ଖଣ୍ଡ ବିଖଣ୍ଡିତ ହୋଇଛି । ବେଢ଼ାରେ ପଡ଼ିଥିବା ପଦ୍ମ ପାଖୁଡ଼ାର ଚିହ୍ନ ଥିବା ପ୍ରସ୍ତର ଖଣ୍ଡ ଏକ ବେଲ କାପିଟାଲର ଅଂଶ ବିଶେଷ । ତିନି ଖଣ୍ଡ ରେଲିଙ୍ଗ ରହିଛି । ଏହି ରେଲିଙ୍ଗରେ ଅନ୍ୟ ଅଂଶ ଗୁଡ଼ିକୁ ଯୋଡ଼ିବା ପାଇଁ ବ୍ୟବସ୍ଥା ରହିଛି

। ଅନ୍ୟ ଅଂଶଗୁଡ଼ିକ ଆବିଷ୍କୃତ ହୋଇନାହିଁ । ସାଧାରଣତଃ ବୌଦ୍ଧ ସ୍ତମ୍ଭ ତଥା ସ୍ତୂପର ବାହାରେ ଏହି ରେଲିଙ୍ଗ ଗୁଡ଼ିକ ଗୋଲାକାରରେ ଲାଗିଥାଏ । ମନ୍ଦିର ବେଢ଼ା ଚଉତରାରେ ଖଞ୍ଜା ଯାଇଥିବା ଖୋଦିତ ଚିତ୍ରାବଳୀ ଗୁଡ଼ିକ ଗୋଲାକାରରେ ଲାଗିଥାଏ ।ମନ୍ଦିର ବେଢ଼ା ଚଉତରାରେ ଖଞ୍ଜା ଯାଇଥିବା ଖୋଦିତ ଚିତ୍ରାବଳୀଗୁଡ଼ିକ ଏହି ବେଲ କାପିଟାଲରେ ବର୍ତ୍ତୁଳ ଭାବରେ ଯୋଡ଼ା ଯାଇଥିଲା । ବେଢ଼ାରେ ସ୍ଥାପିତ ଦୁଇ ଦେବୀ ମୂର୍ତ୍ତି କୌଣସି ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତି ପ୍ରତୀତ ହୁଏ ନାହିଁ । ଏହା କୌଣସି ବୌଦ୍ଧ ତନ୍ତ୍ର ପନ୍ଥାର ଦେବୀ ମୂର୍ତ୍ତି । ତାମ୍ରପତ୍ରରେ ଉଲ୍ଲେଖ ଅନୁଯାୟୀ ପଶ୍ଚିମେଶ୍ୱର ମନ୍ଦିରରେ ସ୍ଥାପିତ ବିଶାଳ ବୌଦ୍ଧ ମୂର୍ତ୍ତି ବୁଦ୍ଧ ଭଟ୍ଟାରକ ବୋଲି ଚିହ୍ନିତ ହୋଇଛି । ଯାହାକି ଜୟାଶ୍ରମ ବିହାରରେ ଉପାସନା ପାଇଁ ଉଦ୍ଦିଷ୍ଟ । ବୌଦ୍ଧ ସ୍ତମ୍ଭ ପ୍ରାପ୍ତି ସ୍ଥାନରୁ କୌଣସି ବୁଦ୍ଧ ମୂର୍ତ୍ତି ମିଳି ନାହିଁ । ବୁଦ୍ଧ ଭଟ୍ଟାରିକଙ୍କ ମୂର୍ତ୍ତି ଏହି ସ୍ଥାନରୁ ପଶ୍ଚିମେଶ୍ୱର ମନ୍ଦିରକୁ ସ୍ଥାନାନ୍ତରିତ ହୋଇଛି । ସମ ଆକୃତି ବିଶିଷ୍ଟ ବୁଦ୍ଧ ମୂର୍ତ୍ତି ଲଳିତଗିରି ଠାରେ ଦେଖାଯାଏ । ଉଭୟ ମୂର୍ତ୍ତିର ନିର୍ମାଣକାରୀ ଅମୃଭଟ୍ଟ ବୋଲି ଖୋଦିତ ହୋଇଛି । ବ୍ରାହ୍ମଣୀ ନଦୀ ପଥ ଦ୍ୱାରା ଏହି ବୌଦ୍ଧ ବିହାର ରତ୍ନଗିରି ଓ ଲଳିତଗିରି ମହାବିହାର ସହ ସମ୍ପୃକ୍ତ ଥିଲା ।

ସ୍ତୁପ ଓ ଚୈତ୍ୟ ଥିବା ସ୍ଥାନଟି ବର୍ତ୍ତମାନକୁ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ନିର୍ମିତ ପାଉଁଶ ପୋଖରୀ ମଧ୍ୟରେ ରହିଛି । ଏହି ସ୍ଥାନଟି ବିଦ୍ୟୁତ କେନ୍ଦ୍ରର ଅଧିକୃତ ସ୍ଥାନ । ମାଟି ମାଫିଆମାନେ ଇଟା ନିର୍ମାଣ ପାଇଁ ଏହି ସ୍ଥାନରୁ ଅବୈଧ ମାଟି ଖନନ ମେସିନ୍ ଦ୍ୱାରା କରୁଥିବାରୁ ସ୍ୱଳ୍ପ ଦୃଶ୍ୟମାନ ଏହି ସ୍ତୂପ ଯେ କେବେ ନିଶ୍ଚିହ୍ନ ହୋଇଯିବ । ଏହି ବିହାରର ନିର୍ମାଣରେ ବ୍ୟବହାର ପଥରଖଣ୍ଡ ମାନ ଇତସ୍ତତଃ ହୋଇ ପଡ଼ି ରହିଛି । କେତେକ ମଧ୍ୟ ସ୍ଥାନାନ୍ତରିତ ହୋଇ ସାରିଛି ।

ସମଲ ବ୍ୟାରେଜ ଦ୍ୱାରା ଜଳମଗ୍ନ ହୋଇଥିବା ଅବବାହିକାରେ ବଲାଙ୍ଗୀ ଶିବ ମନ୍ଦିର ଦେଖାଯାଏ । ଏହି ମନ୍ଦିର ପ୍ରାଙ୍ଗଣରେ ଏକ ଧ୍ୟାନୀ ବୁଦ୍ଧ ମୂର୍ତ୍ତି ରହିଛି । ଶୁଣାଯାଏ ଏହି ମନ୍ଦିର ନିର୍ମାଣ ସମୟରେ ଏହି ବୁଦ୍ଧ ମୂର୍ତ୍ତିକୁ ଏଠାରେ ସ୍ଥାପନ କରା ଯାଇଥିଲା । ବର୍ତ୍ତମାନକୁ ବ୍ୟାରେଜ ଜଳରେ ବୁଡ଼ି ରହିଛି । ଏହି ବୁଦ୍ଧ ମୂର୍ତ୍ତିକୁ ସେହି ସ୍ଥାନରୁ ଉଦ୍ଧାର ବା ଅନୁଧ୍ୟାନ କରାଯାଇନାହିଁ ।

ସମଲ ବ୍ୟାରେଜ ପରେ ବ୍ରାହ୍ମଣୀ ନଦୀ ତୀର ଗ୍ରାମ ବାରୁଆଁ, ଗ୍ରାମର ଶେଷ ଭାଗରେ ଏକ ଆମ୍ବ ବୃକ୍ଷ ତଳେ ଭାଇ ଭଉଣୀ ଠାକୁର ପୂଜିତ ହେଉଛନ୍ତି । ଦୁଇଟି ଭଗ୍ନ ଦେବୀ ମୂର୍ତ୍ତି ରହିଛି, ଏହାସହ ଧର୍ମଚକ୍ରର ଏକ ଭଗ୍ନ ଅଂଶ ରହିଛି । ଏହି ଅର୍ଦ୍ଧ ଭଗ୍ନ ଦେବୀ ମୂର୍ତ୍ତିରେ ଏକ ଶିଶୁ ଧରିଥିବାରୁ ଏହାକୁ ଭାଇ ଭଉଣୀ ଠାକୁର ଭାବେ ପୂଜା କରାଯାଉଛି । ବୌଦ୍ଧକାଳୀନ ମୂର୍ତ୍ତିତତ୍ତ୍ୱରେ ଏହା ଦେବୀ ହାରାତୀ । ଏହି ଦେବୀଙ୍କୁ ବୌଦ୍ଧ ବିହାର ବା ବୌଦ୍ଧାଶ୍ରମ ରୋଷଶାଳାରେ ପୂଜିତ ହୋଇଥାନ୍ତି । ଏହା ସପ୍ତମ ଶତାବ୍ଦୀର ଭାସ୍କର୍ଯ୍ୟ । ଧର୍ମଚକ୍ରର ଯେଉଁ ଅଂଶ ମିଳିଛି ସେଥିରେ ଅରଗୁଡ଼ିକ ପୂର୍ଣ୍ଣ ଭାବରେ ରହିଛି । ଏହା ମଧ୍ୟ ଏକ ବିରଳ କୀର୍ତ୍ତିରାଜି । ଏଣୁ ଏହି ସ୍ଥାନରେ କୌଣସି ଏକ ବୌଦ୍ଧାଶ୍ରମ ରହିଥିଲା । ଏହି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଗବେଷଣାର ଆବଶ୍ୟକତା ରହିଛି ।

ବାରୁଆଁ ଗ୍ରାମ ଠାରୁ ବ୍ରାହ୍ମଣୀ ନଦୀର ପଶ୍ଚିମ ତଟରେ ରହିଛି ଦୁର୍ଗାପୁର ଗ୍ରାମ । ଗ୍ରାମର ଶେଷ ଭାଗରେ ରହିଛି ଦୁର୍ଗା ମନ୍ଦିର । କିଛି ବର୍ଷ ପୂର୍ବରୁ ଏହି ମନ୍ଦିର ନିର୍ମାଣ କରା ଯାଇ ଥିଲା । ଏହି ମନ୍ଦିର ଚଉତରାରେ ଏକ ଦେବୀ ମୂର୍ତ୍ତି ସ୍ଥାପନ କରାଯାଇଛି, ଯାହାକି ଗ୍ରାମର ସ୍କୁଲଠାରେ ପରିତ୍ୟକ୍ତ ଭାବେ ପଡିଥିବା ଏହି ମୂର୍ତ୍ତିକୁ ଏଠାରେ ସ୍ଥାପନ କରାଯାଇଛି । ଏହି ମୂର୍ତ୍ତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମୂର୍ତ୍ତିର ମସ୍ତକର ଶୀର୍ଷ ଭାଗରେ ଏକ ଧ୍ୟାନୀବୁଦ୍ଧ ମୂର୍ତ୍ତି ରହିଛି । ମୂର୍ତ୍ତିର ହସ୍ତରେ ଶୋଭା ପାଉଛି ଏକ ବଜ୍ର । ଏହା ସମ୍ଭବତଃ ବଜ୍ରଯାନୀ ବୌଦ୍ଧକାଳୀନ ଦେବୀ ମୂର୍ତ୍ତି ତାରା ବା ମଞ୍ଜୁଶ୍ରୀଙ୍କ ପ୍ରତିମା । ମନ୍ଦିର ଭିତରେ ପୂଜା ପାଉଥିବା ମୂର୍ତ୍ତିଗୁଡ଼ିକ ବୌଦ୍ଧକାଳୀନ ପ୍ରତିମା । ଦୁର୍ଗା ଏଠାରେ ଦଶଭୂଜା ନୁହନ୍ତି । ଏକ ଲଳିତ ବେଶନ ବୌଦ୍ଧକାଳୀନ ଦେବୀଙ୍କୁ ଦୁର୍ଗା ଭାବରେ ପୂଜା କରାଯାଉଛି । ମନ୍ଦିର ଭିତରେ ଥିବା ଅନ୍ୟ ମୂର୍ତ୍ତି ଗୁଡ଼ିକ ମଧ୍ୟ ବୌଦ୍ଧ କାଳୀନ ଦେବୀ ମୂର୍ତ୍ତି । ଏଠାରେ ପ୍ରାଚୀନ କାଳରେ ଏକ ବୌଦ୍ଧ ତନ୍ତ୍ର ଉପାସନା କେନ୍ଦ୍ର ଥିଲା । ମନ୍ଦିରର ବାହାର ବେଢ଼ାରେ ଏକ ପ୍ରସ୍ତର ଖଣ୍ଡରେ ଏକ ଖୋଦିତ ଚିତ୍ର ଦେଖାଯାଏ । ଏହି ପ୍ରସ୍ତର ଖଣ୍ଡକୁ ସୀମା ସଙ୍କେତ ପଥର (

boundary stone) କୁହାଯାଏ । ଏହିପରି ସମ ଚିତ୍ରାବଳୀ ଥିବା ସୀମା ସଙ୍କେତ ପ୍ରସ୍ତର ଲଳିତଗିରିରେ ଦେଖାଯାଏ । ଏହି ସଙ୍କେତରେ ଦାନଗ୍ରହୀତାଙ୍କୁ ସ୍ଥାନର ଅସଦ୍ ବ୍ୟବହାର ପାଇଁ ଦଣ୍ଡର ସୂଚନା ରହିଛି । ଏହି ସବୁ ତଥ୍ୟାବଳୀରୁ ଜଣାପଡ଼େ ଯେ ଏକଦା ଏଠାରେ ଏହି ବୌଦ୍ଧ ଉପାସନା କେନ୍ଦ୍ର ରହିଥିଲା । ବୌଦ୍ଧଧର୍ମର ସହଜଯାନ ପନ୍ଥାର ବଜ୍ରଯାନର ଉପାସନା କେନ୍ଦ୍ର ଥିଲା । ଏହି ସ୍ଥାନର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନର ଆବଶ୍ୟକତା ରହିଛି ।

ତାଳଚେରର ବ୍ରାହ୍ମଣୀ ଅବବାହିକାରେ ଦେଢ଼ ହଜାର ବର୍ଷ ତଳେ ଏକ ବୌଦ୍ଧ କାଳୀନ ସଭ୍ୟତା ବିକାଶ ଲାଭ କରିଥିଲା । ଲଳିତଗିରିରେ ଥିବା ବୌଦ୍ଧ ସାଧନା ପୀଠ ସହ ବ୍ରାହ୍ମଣୀ ନଦୀ ପଥ ଦ୍ୱାରା ସଂଯୁକ୍ତ ଥିଲା । ଏ ସମଗ୍ର ଅଞ୍ଚଳକୁ ପ୍ରତ୍ନତାତ୍ତ୍ୱିକ ଅନ୍ୱେଷଣ କରାଗଲେ, ଏହି ପ୍ରାଚୀନ ସଭ୍ୟତାର ଉନ୍ମୋଚନ ହୋଇପାରିବ । ❐❐❐

(ଲେଖକ ଜଣେ ପ୍ରତ୍ନତାତ୍ତ୍ୱିକ ଗବେଷକ)

ଅଣୁ ଗଳ୍ପ- ଦି ଗ୍ଲାସ ଚାହା

କାଜଲ ପ୍ରଧାନ

ଅଳସୀ ସନ୍ଧ୍ୟା ର ଧୂସରିଆ ଆକାଶ ରେ ମେଘ ବର୍ଷିବ ବର୍ଷିବ ବୋଲି ବାହାନା କରି ମୁରୁକି ହସ ଦେଇ ଆକାଶର ଅନୁନୟକୁ ଏଡ଼ାଇ ଦେଉଥାଏ । ବାଦଲର ଭିଡ଼ ଆଡ଼କୁ ଆଙ୍ଗୁଠି ଦେଖାଇ ବିଜୟ ବାବୁ କ'ଣ ସବୁ ଗୁଣୁ ଗୁଣୁ ହୋଇ କହୁଥାନ୍ତି । ଆଉ କିଛି କିଛି ଆଙ୍କିବାର ପ୍ରୟାସ କରୁଥାନ୍ତି ।

କିଛି ସମୟ ପରେ ପାଖକୁ ଚାହିଁ କହିଲେ, 'ବୁଝିଲ ରତ୍ନା, ବାହାଘରର ୫୦ ବର୍ଷ ପରେ ବି ତୁମର ଏ କଳାଟି ଶିଖି ହେଲାନି, ତୁମେ ଯେମିତି ବାଦଲର ତାଳେ ତାଳେ ଛବି ଆଙ୍କିପାର ନା, ଯେତେ ଚେଷ୍ଟା କଲେ ବି ମୋ ଦ୍ୱାରା ଜମା ହୁଏନି ।'

-'ମତେ ଆଉ ଥରେ ଶିଖେଇ ଦଉନ, ଶୁଣୁଛ ନା ନାଇଁ ମ.......।'

ଏତକି କହି କିଛି ସମୟର ନିରବତା ପରେ ପୁଣି ଥରେ ଶୂନ୍ୟ ଦୃଷ୍ଟିରେ ଆକାଶକୁ ଚାହିଁ ରହିଲେ ।

ପାଖରେ ପଡ଼ିଥିଲା ଗୋଟେ ଅଧା ଭଙ୍ଗା ଖାଲି ଚୌକି ଆଉ ସାମ୍ନାରେ ଥୁଲା ଦୁଇ ଗ୍ଲାସ୍ ଚାହା........। ❐❐❐

ଅଧ୍ୟାପିକା ହିନ୍ଦୀ ବିଭାଗ ,
ନୀଳକଣ୍ଠେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟ

ଆଭାସୀ ଦୁନିଆରୁ ଦୂରରେ

ଶ୍ରୀମତୀ ଅନୁପମା ପ୍ରଧାନ

ଫେସବୁକ୍ ଅର୍ଥାତ୍ ଆଭାସୀ ଦୁନିଆ (ଭର୍ଚୁଆଲ ୱାଲ୍ଡ) ଏଭଳି ଏକ ଭୂତ ଯିଏ ବୋତଲରୁ ବାହାରିବା ମାତ୍ରେ ବାସ୍ତବ ଦୁନିଆ (ରିଅଲ ୱାର୍ଲଡ଼)କୁ ନିଜ କବଳକୁ ନେଇଯାଇଛି। ଆଜିକାଲି ବିଶ୍ୱରେ ଜନସଂଖ୍ୟାର ପରିସଂଖ୍ୟାନ ଦୃଷ୍ଟିରୁ ପ୍ରଥମ ସ୍ଥାନରେ ଥିବା ଭାରତର ଜନସଂଖ୍ୟା ଆଭାସୀ ଦୁନିଆରେ ତୀବ୍ର ବେଗରେ ଆଗୁଆ ହେଉଥିବା ଚର୍ଚ୍ଚାରେ ରହିଛି। ଆଭାସୀ ଅର୍ଥାତ୍ ଯାହା କେବଳ ଥିବାର ଅନୁଭବ ଦେଇଥାଏ, କିନ୍ତୁ ନଥାଏ ତାହାର ସ୍ଥିତି ପାଣିଫୋଟକା ସମାନ । ହାଭାର୍ଡ଼ ବିଶବିଦ୍ୟାଳୟର ଛାତ୍ର ମାର୍କ ଜୁକରବର୍ ୪ ଫେବୃଆରୀ, ୨୦୦୪ରେ ଫେସବୁକ୍ ଆରମ୍ଭ କରିଥିଲେ। ଏଥିମଧ୍ୟରେ ସବୁଠାରୁ ପ୍ରମୁଖ ହେଉଛି ୨୦୦୫ରେ ସାମିଲ ହୋଇଥିବା ଫୋଟ ଅପଲୋଡ଼ କରିବାର ସୁବିଧା । କାରଣ ଏହା ମାଧ୍ୟମରେ ଅଭିବ୍ୟକ୍ତି ଅଧିକ ଜୀବନ୍ତ ହେଲା ଫେସବୁକ୍‌ର ମୋଟ ୧.୩୨ ବିଲିଅନ୍ ଉପଭୋକ୍ତାଙ୍କ ମଧ୍ୟରୁ ୧୦୦ ମିଲିଅନ ଭାରତୀୟ ଅଟନ୍ତି । ଫେସବୁକର ସି.ଇ.ଓ ଜୁକରବର୍ଗଙ୍କ ଅନୁସାରେ - ଆମ ଉପଭୋକ୍ତାମାନେ ୨୪ ଘଣ୍ଟା ମଧ୍ୟରେ ହାରାହାରି ୪୦ମିନିଟ୍ ଫେସବୁକ୍‌ରେ ବିତାନ୍ତି' ଆଭାସୀ ଦୁନିଆକୁ ସତ ମାନିନେବା ଓ ଏହାର ପ୍ରଶଂସାକୁ ଯଥାର୍ଥ ମାନିନେବା ଦ୍ୱାରା ଆମେ ଯଥାର୍ଥ ରୂପେ ପଙ୍ଗୁ ହୋଇଯାଉ ଓ ଏହାଠାରୁ ବହୁତ ଦୂରକୁ ଚାଲିଯାଉ । ମାନବର ସ୍ୱଭାବର ବିଶେଷତା ହେଉଛି ଆକର୍ଷଣ ଉତ୍ପନ୍ନ କରିବା, ପ୍ରଶଂସା ଚାହିଁବା, ସ୍ୱୟଂକୁ ମହତ୍ତ୍ୱ ଦେବା ଓ ଅନ୍ୟମାନଙ୍କଠାରୁ ମହତ୍ତ୍ୱ ଚାହିଁବା । ଫେସବୁକ୍ ଏହିପରି ମାନବ ସୁଲଭ ଆକାଂକ୍ଷାଗୁଡ଼ିକୁ ପୂରଣ କରିବାର ସ୍ଥାନ ଅଟେ । କ୍ଷଣିକ ମଧ୍ୟରେ ମୁଡ଼ ବଦଳାଇ ଦବାର ସାଧନ ଅଟେ । କ୍ଷଣିକ ଭିତରେ ନିଜ ଅନ୍ତରର କ୍ଷୋଭ ଉଦ୍‌ଗୀରଣ କରିବାର ସ୍ଥାନ ଅଟେ । ଯେଉଁ ଫେସବୁକ୍ ଜୀବନରେ ସାମିଲ ହୋଇଥିଲା,ତାହା କେତେବେଳେ ଜୀବନ ହୋଇଯାଏ।

କଳ୍ପନାତ କଳ୍ପନା ବାସ୍ତବ କିପରି ପ୍ରତୀୟମାନ ହୁଏ ? କଳ୍ପନା ତ ଆମେ ଯାହାବି କରି ପାରିବା । କଳ୍ପନା ଆମେ ଜଣେ ବନ୍ଧୁର ବି ତ କରିପାରିବା, କିନ୍ତୁ କଳ୍ପନାରେ ଠିଆ ହୋଇ ଯାଇଥିବା ବନ୍ଧୁ ସୁଖ ଦୁଃଖରେ ସହାୟକ ହୋଇପାରିବ ନାହିଁ। ତା'ଠାରୁ ସହାୟତାର ଆଶା ହିଁ କରିବା ହାସ୍ୟାସ୍ପଦ । କିନ୍ତୁ ବିଡ଼ମ୍ବନା ଏହି ଯେ, ଆମେ ଫେସବୁକ୍ ବନ୍ଧୁକୁ ଯଥାର୍ଥ ମାନି ନିଜ ଆତ୍ମୀୟ ସଂପର୍କିୟଙ୍କୁ ଛାଡ଼ିଦେବାର ଭୟଙ୍କର ଭୁଲ କରିଥାଉ।

ଫେସବୁକ୍‌ରେ ସମୟ ଅଯଥା ଅପଚୟ ହୋଇଥାଏ। ଜଣେ ପତ୍ନୀ ନିଜ ଘର ଏବଂ ପତି ପାଇଁ ଯେତିକି ସମୟ ଦେଇ ପାରିଥାଆନ୍ତା, ସେତିକି ସମୟ ସେ ଫେସବୁକ୍‌ରେ ବିତାଇବାକୁ ଅଧିକ ପସନ୍ଦ କରେ । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଆଜିର ଆଧୁନିକ ମାଆମାନେ। ନିଜ ପିଲାଙ୍କ ଅପେକ୍ଷା ଫେସବୁକ୍‌ରେ ଅଧିକ ସମୟ ବିତାଇବା ପସନ୍ଦ କରୁଛନ୍ତି। ଫେସବୁକ୍‌ରେ ପ୍ରଶଂସକମାନଙ୍କ ଅତୁଆ ମାୟାଜାଲ ବିଛାଇ ହୋଇ ପଡ଼ିଛି। ସବୁ କଥାରେ ପ୍ରଶଂସା କରିବା , ପ୍ରଶଂସା

ପାଇବା ଏକ ଅଜବ ମାନସିକତାକୁ ଜନ୍ମଦିଏ। ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହିଲେ ଏକ ମନୋରୋଗକୁ ଜନ୍ମ ଦିଏ। ଏହି ମନୋରୋଗର ନାଁ ହେଉଛି- ଆଟେନ୍‌ସନ ସିକିଙ୍ଗ୍ । ଏହି ରୋଗ ଆମକୁ ସର୍ବଦା ପ୍ରଶଂସା ପାଇବାର ଆକାଂକ୍ଷା ପାଇଁ କାର୍ଯ୍ୟ କରିବାକୁ ବିବଶ କରିଥାଏ । ଏଭଳି କୌଣସି କାମ, ଯଦ୍ୱାରା ଅନ୍ୟମାନେ ଆମ ପ୍ରତି ଆକର୍ଷିତ ହେବେ ଓ ମିଛରେ ହେଉ ପଛକେ ତାକୁ ପ୍ରଶଂସା କରିବେ, ସେହି କାମକୁ ବିବଶ କରିଥାଏ। ଯେଉଁଠାରୁ ବାହାରିବା ଅତ୍ୟନ୍ତ କଠିନ ହୋଇଥାଏ। ଏହାଦ୍ୱାରା ଅନେକ ପ୍ରକାର ଶାରୀରିକ, ମାନସିକ ଓ ଭାବନାତ୍ମକ ସମସ୍ୟା ଦେଖା ଦେଇଥାଏ। ଏଣୁ ଏଥିରୁ ବର୍ତ୍ତିବା ଉଚିତ୍ ତଥା ଏହାର ଉପଯୋଗ ସାର୍ଥକ ଉଦ୍ଦେଶ୍ୟ ହେତୁ କରିବା ଉଚିତ୍ ।ଶୋଇବା ପୂର୍ବରୁ ଫୋନର ଉପଯୋଗ କରନ୍ତୁ ନାହିଁ ଫୋନରୁ ଅନାବଶ୍ୟକ ଆପ୍‌ସ ହଟାଇ ଦିଅନ୍ତୁ । ସପ୍ତାହରେ ଗୋଟିଏ ଦିନ ମୋବାଇଲ ବନ୍ଦ ରଖନ୍ତୁ । ରାତ୍ରି ଶୟନ ସମୟରେ ଫୋନକୁ ସ୍ୱିଚ ଅଫ କରି ଦିଅନ୍ତୁ ବା ଏହାକୁ ଫ୍ଲାଇଟ ମୋଡ଼ରେ ରଖନ୍ତୁ । ଯାହା ଦ୍ୱାରା ଏଥିରେ କୌଣସି ପ୍ରକାର ନୋଟିଫିକେସନ ଆସିବ ନାହିଁ ଏବଂ ପ୍ରାତଃ ସମୟରେ ଉଠିବା ପରେ ଶାନ୍ତିର ସହିତ ନିଜ ନିଜ ଦିନଚର୍ଯ୍ୟାର ଶୁଭାରମ୍ଭ ହୋଇ ପାରିବ । ବସ୍ତୁତଃ ଏହି କିଶୋରମାନେ ସଜାଗ, ସଚେତ ରହିବା କଥା ଅଭିଭାବକମାନଙ୍କର ଏଥିରେ ସହଯୋଗ ଅପେକ୍ଷିତ, ଯାହା ଦ୍ୱାରା ନୂଆ ପିଢ଼ି ମୋବାଇଲ୍‌ର ମାୟାବୀ ଜାଲରେ ଫସି ନିଜ ଜୀବନକୁ ଅନ୍ଧକାର ଆଡ଼କୁ ଠେଲି ଦେବ ନାହିଁ । □□□

ତାଳଚେର
ସଂପର୍କ-୭୦୦୮୯୭୮୨୫୧

ଘର

ଡ.କଳ୍ପନା ବୋଇତି

ତରବର ହୋଇ ଉଠି ପଡ଼ିଲା ଅନନ୍ୟା, ଆଜି ପାଇଁ କାଲିଠାରୁ ପ୍ରସ୍ତୁତିରେ ଲାଗି ପଡ଼ି ଥିବାରୁ ତାକୁ ବହୁତ ହାଲିଆ ଲାଗୁଥିଲା । ଏଇ ଦିନଟା ପାଇଁ ସେ କେବେ ଠାରୁ ସ୍ୱପ୍ନ ଦେଖୁଥିଲା। ଆଜି ତାର ନୂଆ ଘର ପ୍ରତିଷ୍ଠାର ପର୍ବ । ସେଥିପାଇଁ ତା ଗୋଡ଼ ତଳେ ଲାଗୁ ନଥିଲା । ସ୍ୱାମୀ ସହିତ ଝଗଡ଼ା, ଜିଦ୍ କରି କରି ଅବସର ବେଳକୁ ଘରଟିଏ ତୋଳିଲା । ଘରର ଡିଜାଇନ୍, ଟାଇଲ୍ ସବୁ ନିଜ ପସନ୍ଦର। ଗହଣା ବ୍ୟାଙ୍କରେ ବନ୍ଧା ପକାଇ ଇଣ୍ଟରିଅର୍ ଡିଜାଇନ୍ କରିଛି । ଏବେ ଟିକିଏ 'ମୋ ଘର' କହି ଗର୍ବରେ ଛାତି ଫୁଲେଇ ଚାଲିବ, ସାଇ ପଡ଼ିଶାଙ୍କୁ ଡ଼ାକି ତା ନୂଆ ଘର ବୁଲେଇଦେବ । ଆଉ ଟିକିଏ ପରେ ବାପା, ବୋଉ ଆସି ପହଞ୍ଚିଯିବେ । ବାହାଘର ପରେ ବାପା ଘରେ ତ ଝିଅଟେ ଦି ଦିନ କୁଣିଆ । ଯେଉଁ ଘର, ଅଗଣା, ଆମ୍ବତୋଟା, ସାଙ୍ଗସାଥୀ, କୁମାର ପୂର୍ଣ୍ଣମା, ପୁଚିଖେଳ ତାର ଅତି ଆପଣାର ଥିଲା। ଆଜି ତା'ଠୁ ଦୂରେଇ ଦୂରେଇ ଯାଉଛି । ଛୋଟବେଳୁ ତ ଶୁଣେଇ ଦିଆଯାଉଛି, 'ଝିଅ ଜନମ ପର ଘରକୁ' । ସ୍ୱାମୀର ହାତ ଧରି ଶଙ୍ଖା, ସିନ୍ଦୁର ପିନ୍ଧି ବିଦାୟ ନେଇ ଆସିଲା ଦିନୁ ଆଉ ସେ ପଛକୁ ଫେରି ଚାହିଁନି । ଆଜି ଆଉ କାହିଁକି ମନଦୁଃଖ କରିବ, ନା, ତାକୁ ଆଗକୁ ବଢ଼ିବାକୁ ହେବ । ଆମ୍ବଡ଼ାଳ, ଦୁବକୋଳି ପତ୍ର ଶୁଭ କଳସ ଉପରେ ଥୋଇ ପୂଜାସାମଗ୍ରୀ ସଜାଡ଼ିବା ପାଇଁ ଗଲା । ବିଭିନ୍ନ ବର୍ଣ୍ଣ ଫୁଲରେ ସଜା ହୋଇ ନୂଆ ଘରଟି ନବବଧୂ ପରି ଦିଶୁଛି । କେଜାଣି କାହିଁକି ଶାଶୁ ବଡ଼ ପାଟି କରି ସ୍ୱାମୀ ନା ଧରି ଡାକୁଛନ୍ତି । ସେ ଏକା ନିଃଶ୍ୱାସରେ ଶାଶୁଙ୍କ ପାଖକୁ ଦୌଡ଼ିଗଲା। ଶାଶୁ କହିଲେ, ବୋହୂ, ତୁ ଭାଗ୍ୟବତୀ। ତୋର ଆଉ ଚିନ୍ତା ନାହିଁ। ମୋ ପୁଅ ତୋ ପୁଅ ପାଇଁ ଆଲିଶାନ୍ ବଙ୍ଗଳା ବନେଇ ଦେଇଛି । ଅନନ୍ୟା ସ୍ତବ୍ଧ ହୋଇଗଲା। ବାପା ଘର, ସ୍ୱାମୀର ଘର ଆଉ ତା ପରେ ତା ପୁଅର ଘର। ଜୀବନ ସାରା ଜଳି ଜଳି ଯେଉଁ ସ୍ୱପ୍ନର ଘର ତୋଳିଲା, ସେ ଘର ତାର ନୁହେଁ? ଆକାଶକୁ ଚାହିଁ ସେ କଣ ଈଶ୍ୱରଙ୍କୁ ଜଣାଉଥିଲା କେଜାଣି, ଅଜାଣତରେ ତା ଆଖିରୁ ଲୁହ ଦୁଇ ଟୋପା ଝରି ଆସିଲା। □□□

ଅବସରପ୍ରାପ୍ତ ପ୍ରାଧାପିକା,
ରାଜନୀତି ବିଜ୍ଞାନ ବିଭାଗ
ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ,ତାଳଚେର

ଦୂଷିକା

ଡ.ପ୍ରଶାନ୍ତ କୁମାର ରଥ

ଚାରୁଲତା ଦୂଷିକା ନୁହଁନ୍ତି । ଦୋଷ କେବେ ଜନ୍ମାଇ ନାହାଁନ୍ତି । କାହାକୁ ନିନ୍ଦିତ କରି ନାହାଁନ୍ତି କି କେବେ ନିନ୍ଦିତ ହୋଇ ନାହାନ୍ତି । ଜୀବନସାରା କାହାକୁ ଦୋଷାରୋପ କରି ଅପବିତ୍ର ହୋଇ ନାହାନ୍ତି କିମ୍ବା କାହାକୁ ଦୋଷୀ ହେବା ଲାଗି ସୁଯୋଗ ଦେଇ ନାହାନ୍ତି । ତଥାପି ସମାଜ କହେ ସେ ଦୂଷିକା, କଳଙ୍କିନୀ । ଜୀବନସାରା ସେ ପ୍ରଶଂସାକୁ ଉପଭୋଗ କରି ଆସିଛନ୍ତି । ତେଣୁ ବର୍ତ୍ତମାନର ନିନ୍ଦା ତାଙ୍କୁ ଅଧିକ ଆଘାତ ଦେଉଛି ।

ସାମନାରେ ସୁନୀଳ ମହୋଦଧି, ବାଲୁକାମୟ ପରିବେଶକୁ ପ୍ରକମ୍ପିତ କରୁଛି । ଭୟଙ୍କର ସାଗର ଗର୍ଜନ । ଅମାବାସ୍ୟାର ଅନ୍ଧାର ଗର୍ଜନକୁ ଦ୍ୱିଗୁଣିତ କରୁଛି । ଆଗରେ ଝାଉଁବଣ । ଚାରୁଲତା ସ୍ୱାମୀ ପଦ୍ମଲୋଚନଙ୍କୁ ଅନେଇ ବସିଛନ୍ତି । କହିବେ କହିବେ ବୋଲି କହି ପାରୁନାହାନ୍ତି । ନ କହି ରହି ବି ପାରୁନାହାନ୍ତି । ସେ ଜାଣନ୍ତି, ବେଦନା, ବେଦନାକୁ ନଷ୍ଟ କରେ। ଯନ୍ତ୍ରଣା ହିଁ ଯନ୍ତ୍ରଣାରୁ ମଣିଷକୁ ମୁକ୍ତି ଦିଏ। ପଦ୍ମଲୋଚନ ଆଉ ଅଳ୍ପଦିନ ବଞ୍ଚିବେ । କ୍ୟାନସର ଜୀବାଣୁରେ ଦେହ ସଂକ୍ରମିତ । ବାରମ୍ବାର ଡାକ୍ତରଙ୍କ ପାଖରୁ ଫେରିଲେଣି । ବଞ୍ଚି ରହିବାକୁ ତାଙ୍କର ଆପ୍ରାଣ ଉଦ୍ୟମ । ନିତିଦିନ ଔଷଧ ବ୍ୟବହାର କରୁଛନ୍ତି । ସ୍କୁଲ ଆଉ ଯାଉନାହାନ୍ତି । ଜିଲ୍ଲା ସ୍କୁଲର ପ୍ରିୟ ପରିଚିତ ବାଗ୍ମୀ ଶିକ୍ଷକ ଆବଦ୍ଧ ହୋଇ ଗଲେଣି ଚୌକାଠର ଚାରିକଡ଼ରେ । କେବଳ ବେଳେବେଳେ ତାଙ୍କୁ ଚାରୁଲତା ସମୁଦ୍ର ବୁଲେଇ ନିଅନ୍ତି। ପିଲା ଦିନରୁ ସମୁଦ୍ର ଦେଖୁଛନ୍ତି ପଦ୍ମଲୋଚନ । ଢେଉ ଗଣି ଗଣି ଅବଶ ଲାଗିଲେ ଘରକୁ ଫେରନ୍ତି । ଆଜି ବି ଚାରୁଲତାଙ୍କ ସହିତ ଢେଉ ଗଣୁଛନ୍ତି । ଏ ଢ଼େଉ ସମୁଦ୍ରର ଢେଉ ନୁହେଁ, ଜୀବନର ଢେଉ । ଏ ଢେଉ କେତେ ମାସର କେତେ ଦିନର । ଢେଉ ଗଣା ଅଙ୍କକଷା କେବେ ଶେଷ ହେବ ସେଇଦିନକୁ ସେ ଅପେକ୍ଷା କରିଛନ୍ତି । ଚାରୁଲତା ଚାଳିଶ ବର୍ଷ ହେବ ପୁରୀକୁ ବୋହୂ ହୋଇ ଆସିଲେଣି। ପଦ୍ମଲୋଚନଙ୍କ ସହ ବୈବାହିକ ପାରିବାରିକ ଜୀବନ କଟାଇଲେଣି । ପଦ୍ମଲୋଚନ ଜନ୍ମରୁ ଆଦର୍ଶ ପରାୟଣ, ସ୍ପଷ୍ଟବାଦୀ, ଜିଦ୍‌ଖୋର, କର୍ତ୍ତବ୍ୟନିଷ୍ଠ । ସତ୍ୟପଥରୁ ଟଳିବେ ନାହିଁ । ମିଛ ଦେଖିଲେ ଆପଣା ଝିଅ, ସ୍ତ୍ରୀ ହୁଅନ୍ତୁ ବା ଛାତ୍ରଛାତ୍ରୀ ହୁଅନ୍ତୁ କହି ଦେବେ। ଏଇଥିଲାଗି ଚାରୁଲତାଙ୍କ ସହିତ କେବେ କେବେ ଝଗଡ଼ା ହୋଇଛି । ପୁଣି କେତେ ବେଳେ ସ୍କୁଲ ସହକର୍ମୀମାନଙ୍କ ସହିତ ମନୋମାଳିନ୍ୟ ବି ଘଟିଛି । ତଥାପି ପଦ୍ମଲୋଚନ ଯେମିତି ସେମିତି ।

ପଦ୍ମଲୋଚନ ଆଜି ଖରା ବେଳେ ଶୋଇ ନାହାନ୍ତି । ଜିଦ ଲଗେଇଛନ୍ତି ଝିଅମାନଙ୍କୁ ଆଉଥରେ ଚିଠି ଦିଅ, କିଛି ବ୍ୟବସ୍ଥା କରିବେ । ତିନି ଝିଅ, ଗୋଟିଏ ପୁଅ । ଝିଅମାନେ ବଡ଼, ପୁଅ ସାନ । ଝିଅମାନେ ପାଠପଢ଼ା ସାରି ବାହାସାହା ହେଲେଣି। ପୁଅ ପାଠ ପଢ଼ିଛି । ଚାକିରୀ କରିନି । ରୋଜଗାରକ୍ଷମ ହୋଇନି । ଘରେ ବସିଛି । କିଛି କହେ ନାହିଁ । କିଛି କରି ପାରିବାର ଶକ୍ତି ନାହିଁ ବୋଲି କିଛି କହେ ନାହିଁ ।

ପଦ୍ମଲୋଚନଙ୍କ ସହିତ ପୁଅ ଯାଇଥିଲା ମେଡ଼ିକାଲ, ଡାକ୍ତର ଆସିବେ ନାହିଁ। ଅପରେସନ୍ ଦରକାର । ଏବେ ମାଡ୍ରାସ ଯାଆନ୍ତୁ। ନଚେତ୍ ଯେତେଦିନ ବଞ୍ଚିବେ ଏହି ଔଷଧ ଖାଇ ଘରେ ରହିବେ । ଜଗନ୍ନାଥଙ୍କ ଇଚ୍ଛା, ଯେତେ ଦିନ ବଞ୍ଚିବେ ।

ଚାରୁଲତାଙ୍କୁ ପଦ୍ମଲୋଚନ ଆସି ଡାକ୍ତରଙ୍କ ବାଣୀ ଶୁଣେଇଲେ। ଦୁଇ ଅସରା ଲୁହ ଢାଳିଲେ ଚାରୁଲତା । ପୁଅ କିଛି ମୁହଁରେ ନ କହିଲେ ବି ଅନୁଭବ କରୁଛି । ତାର ଅପାରଗ ପଣିଆ ତାକୁ ବ୍ୟସ୍ତ ବିବ୍ରତ କରୁଛି । ସମାଧାନର ସୂତ୍ର ସେ ଖୋଜି ପାଉନି ।

ଝିଅମାନେ ଦୁଇ ମାସ ଆଗରୁ ଚିଠି ପାଇଲେଣି । ଫେରନ୍ତା ଚିଠି ଦେଲେଣି । କାହାର ପୁଅ ପରୀକ୍ଷା, ସ୍ୱାମୀ ବିଦେଶରେ, କାହାର ଶାଶୁ ବେମାର । ସାନ ଝିଅ ଚାକିରୀଆ ଛୁଟି ନାହିଁ । ଖରାଛୁଟି ରଜରେ ଆସିବ ବୋଲି ଲେଖିଛି ।

ପଦ୍ମଲୋଚନ ଖରାବେଳେ ଖାଇ ନାହାନ୍ତି। ସବୁବେଳେ ଚିନ୍ତ ଚିନ୍ତାଶୀଳ। ସାତବର୍ଷ ଚାକିରୀ ବାକି ଅଛି । ଚାରିମାସ ହେଲା ସ୍କୁଲ ଯାଉନାହାନ୍ତି । ସମସ୍ତଙ୍କ ଉପଦେଶ, ଘରେ ବିଶ୍ରାମ କରନ୍ତୁ। ଅର୍ଥ ଯୋଗାଡ଼ କରି ଅପରେସନ ହୋଇ ଯାଆନ୍ତୁ । ସଞ୍ଜ ସକାଳରେ କେହି ବନ୍ଧୁ ଆତ୍ମୀୟ ଆସି ଦେଖିଯାଆନ୍ତି। ପରିବାର, ଘର, ସ୍କୁଲ ସଂପର୍କରେ ଆପଣା କଥା କହିଯାଆନ୍ତି ।

ପଦ୍ମଲୋଚନ ସବୁ ଶୁଣି ଯାଆନ୍ତି । ନା କହିବାର ଆଗ୍ରହ ଥାଏ ନା ଶୁଣିବାର ଆଗ୍ରହ ଥାଏ । ବେଳେବେଳେ ପଦେ ଦୁଇପଦ କହନ୍ତି । କେବଳ ସେ ଝିଅମାନଙ୍କୁ ଅପେକ୍ଷା କରିଛନ୍ତି । ତାଙ୍କ ପାଖରେ ଘରଡ଼ିହ ଖଣ୍ଡିକ । ତା ବ୍ୟତୀତ ପାଖରେ ଆଉ କିଛି ନାହିଁ। ମଝିଆଣୀ ଝିଅ ବାହାଘର ବେଳେ ଜମା ଟଙ୍କା ଆଣି ବାହାଘର ଜାକଜମକରେ କରିଥିଲେ । ବଡ଼ଝିଅ ବାହାବେଳେ ଗାଁ ଜମି ବିକ୍ରି କରିଥିଲେ । ସାନ ଝିଅ ବାହାଘର ଧାର ଟଙ୍କା ଏଯାଏ ସୁଝା ସରିନି । ଏବେ ଦରମାକୁ ଅପେକ୍ଷା ।

ପୁଅ କେତେଥର କହିଲାଣି ଘରଡିହ ବିକ୍ରି କରି ଅପରେସନ୍ କରେଇଦବା। ମାଡ୍ରାସ ଯିବା, ନାନୀମାନଙ୍କୁ କାହିଁକି ଅପେକ୍ଷା କରିବା । ଚାରୁଲତା ମନା କରନ୍ତି । ଆଉ କିଛିଦିନ ଅପେକ୍ଷା କରିବା। ବଡ଼ଝିଅ କହିଛି ଆସିବ । ତାକୁ ତ ଅପେକ୍ଷା କରିବା। ଅପେକ୍ଷାର ଶେଷ ନାହିଁ । ଦେହର କଷ୍ଟ ଦିନକୁ ଦିନ ବଢେଇ ପଡୁଛି । ଚାରୁଲତା ବେଳେବେଳେ ଅଯଥା ନ କହିଲା କଥା କହନ୍ତି। ସ୍ୱାମୀ ସ୍ତ୍ରୀ ଭିତରେ ଝଗଡ଼ା ହୁଏ । ଜଣେ ଅନ୍ୟ ଜଣଙ୍କର ବାପଘର ଠାରୁ ଶାଶୁଘର ପର୍ଯ୍ୟନ୍ତ ଚାରିପୁରୁଷ ଉଦ୍ଧାର କରନ୍ତି । କିନ୍ତୁ ସମାଧାନ ହୋଇ ପାରେନି । ପଦ୍ମଲୋଚନ ଆପଣାଛାଏଁ ଚୁପ ହୋଇ ଯାଆନ୍ତି । ଆଗକୁ ପଛକୁ କ'ଣ ଭାବି, ଜଗନ୍ନାଥଙ୍କୁ ଡାକି ହାତଯୋଡ଼ି ପାରି କର ବୋଲି କହନ୍ତି

ପଦ୍ମଲୋଚନ ଛାଏଁ ଶକ୍ତିହୀନ ହୋଇଗଲେଣି । ଚାରୁଲତା ଅତି ଜରୁରୀ ନ ହେଲେ କିଛି କହୁ ନାହାନ୍ତି କିମ୍ବା ଛୋଟ ପିଲା ପରି ସେ ମାନି ଯାଉଛନ୍ତି ।

ସାନ ଝିଅ ଚିଠି ଦେଇଛି । ଖରା ଛୁଟିରେ ସେମାନେ ବମ୍ବେ ଯିବେ । ଖରାଛୁଟି ଗୋଟାଏ ବଡ଼ଛୁଟି। ପିଲାମାନେ ଜିଦ ଧରିଛନ୍ତି, ଏବର୍ଷ ନଗଲେ ଆଉ ଯାଇ ହେବନି । ସାନଝିଅ ଉପରେ ପଦ୍ମଲୋଚନଙ୍କ ବେଶୀ ଭରସା । ଅତି ଅଲିଅଳରେ ବଢ଼ିଥିଲା ବୋଲି ବେଶି ଭଲ ପାଆନ୍ତି ଚାରୁଲତା । ପୁଣି ସେ ଚାକିରୀଆ । ଚାକିରୀ ବେଳରେ ଲାଞ୍ଚ ଦେଇଥିବା ଟଙ୍କା ଏଯାଏ ସୁଝା ହୋଇନି। ମଝିଆ ଝିଅ ଅଭାବୀ । ତା ପରିବାର ବଡ଼। ଘରେ ବୟସ୍କ ଶାଶୁ ଶ୍ୱଶୁର । ଚାରୋଟି ପିଲାର ମା' । ଘରେ ଅନେକ ଅଭାବ, ଅନାଟନ। ତା ପରିବାର କଥା ଶୁଣିଲାବେଳେ ଥକ୍କା ମାରି ବସି ପଡ଼ନ୍ତି ପଦ୍ମଲୋଚନ । ଇଚ୍ଛା ହୁଏନି ତାକୁ କିଛି ସାହାଯ୍ୟ ମାଗିବେ ବୋଲି। ଅନ୍ତରରେ ଆସୁଥିବା କଥା ଓଠରେ ଅଟକିଯାଏ । ମନରେ ଆସେ, ମୋତେ ନିଅନ୍ତୁ ପଛେ ପିଲାଏ ଭଲରେ ରୁହନ୍ତୁ । ପହିଲି ରଜ ଆଉ ଦୁଇ ଦିନ । ସବୁବେଳେ ରଜକୁ ଘର ସରଗରମ ହୁଏ । ନାତି ନାତୁଣୀ ମେଳରେ ସମୟ ଆନନ୍ଦରେ କଟିଯାଏ। ବଜାରରୁ ଆସୁ ଥିବା ସବୁ ଅପୂର୍ବ ଜିନିଷ ଆଣନ୍ତି ପଦ୍ମଲୋଚନ । ଝିଅମାନଙ୍କ ଲାଗି ଶାଢ଼ି, ପୁଅ ପାଇଁ ଡ୍ରେସ,ନାତିନାତୁଣୀମାନଙ୍କ ଲାଗି ତାଙ୍କ ବରାଦ ମୁତାବକ ଡ୍ରେସ ଆସେ। କେବେ ପଇସା ବଞ୍ଚିଲେ ଚାରୁଲତାଙ୍କ ଲାଗି ଶାଢ଼ୀ ଖଣ୍ଡେ ଆସେ, ନୋହିଲେ ନାହିଁ । ପଦ୍ମଲୋଚନ ଜାଣନ୍ତି, ଜୀବନର ଆନନ୍ଦ ଅନ୍ୟମାନଙ୍କୁ ବାଣ୍ଟି ପାରିଲେ ଦୁଇ ଦିନ । ସବୁବେଳେ ଆନନ୍ଦରେ କଟିଯାଏ । ବଳେ, ନୋହିଲେ ନାହିଁ । ପଦ୍ମଲୋଚନ ଜାଣନ୍ତି, ଜୀବନର ଆନନ୍ଦ ଅନ୍ୟମାନଙ୍କୁ ବାଣ୍ଟି ପାଟି ପାରିଲେ ତାହା ଅସରନ୍ତି ହୁଏ ।

ଚାରୁଲତା ସେଥିଲାଗି କେବେ ଦୁଃଖ କରି ନାହାନ୍ତି । କହିବି ନାହାନ୍ତି, କାହିଁକି ଆଣିଲ ନାହିଁ ବୋଲି । ରଜପାରି ହୋଇ ପିଲାମାନେ ଗଲାପରେ ମାସ ମାସ ଧାର ସୁଝିଲା ବେଳେ ସ୍ୱାମୀ ସ୍ତ୍ରୀ ଭିତରେ ଯୁକ୍ତିତର୍କ ହୁଏ । ଏ ସବୁ ପାଣିଫୋଟକା ଭଳି ମିଳେଇ ଯାଏ । ପୁଣି ନିତିଦିନିଆ ମଧ୍ୟବିତ୍ତ ପରିବାରର

ଜୀବନ ଚାଲେ ।

ବଡ଼ଝିଅ ଆଜି ଆସିଛି । ପିଲାମାନଙ୍କୁ ଆଣିନି । ଆସନ୍ତାକାଲି ସକାଳ ବସ୍‌ରେ ଚାଲିଯିବ କହୁଛି । ଘରେ ତା ଶାଶୁ ବେମାର । ରଜ ଲାଗି ଡ୍ରେସ ଓ ତା ଲାଗି ଶାଢ଼ୀ କିଣା ହେଲେ ସେ ଚାଲିଯିବ । ଚିଠି ପାଇ ନ ଆସିଲେ ଭଲ ହେବନି ବୋଲି ଆସିଲା । ପୁଣି ବାପାଙ୍କୁ ଦେଖିଯିବା ତା'ର କର୍ତ୍ତବ୍ୟ ।

ପଦ୍ମଲୋଚନ ବଡ଼ ଝିଅକୁ ଡାକି ପାଖରେ ବସେଇଲେ । ନିଜର ଅସମର୍ଥ ଭାବ, ପୁଅର ବେକାରୀ, ରୋଗ ସଂପର୍କୀୟ ଡାକ୍ତରଙ୍କ କଥା କହି ଚାଲିଲେ । ଆଗରୁ କେବେ କାହାକୁ ଏଭଳି କହି ନ ଥିଲେ ପଦ୍ମଲୋଚନ । ଆଜି ଯେମିତି ଜୀବନର ଶକ୍ତି ସାମର୍ଥ୍ୟ ହରେଇ ସାରିଛନ୍ତି । ଆଉ ଝିଅ ପାଖରେ ଶରଣ ପଶିଛନ୍ତି । ସମାଧାନର ସୂତ୍ର ଖୋଜି ପାଉ ନାହାନ୍ତି ପଦ୍ମଲୋଚନ । ଅର୍ଥ ସମସ୍ୟା ବଡ଼ ସମସ୍ୟ । ହୋଇଛି । ବାପ ଝିଅ କୋଳାଗ୍ରତା । ଝିଅ ଯେମିତି ଭାବୁଛି, ବାପା ଆଜି ସାନ ହୋଇ ଯାଇଛନ୍ତି । ପୂର୍ବର ଶକ୍ତି, ସାମର୍ଥ୍ୟ, ବାକ୍‌ପଟୁତା ହରେଇ ବସିଛନ୍ତି । ଜିଲ୍ଲା ସ୍କୁଲର ତେଜସ୍ୱୀ ଜ୍ଞାନୀ ଶିକ୍ଷକ ପଦ୍ମଲୋଚନ ଛୁଆ ପାଲଟି, ସ୍ତ୍ରୀ ପଛରେ ଝିଅ ପଛରେ ବୁଲୁଛନ୍ତି ।

ବଡ଼ଝିଅ ସାନଭାଇକୁ ରାଗୁଛି । କାହିଁକି ସେ ବେକାର ହୋଇଛି ? କିଛି କରୁନାହିଁ କାହିଁକି ? ବାପାଙ୍କୁ ରୋଜଗାର କରି ମାଡ୍ରାସ ନେଉନାହିଁ କାହିଁକି ? ଭାଇ କହି ପାରେନି କିଛି । କିଛି କରି ପାରେନି ବୋଲି ଅର୍ଥର ଅଭାବ ଓ ତା ନିଜର ଅପାରଗ ପଣିଆ ଯୋଗୁଁ ନିଜକୁ ଧିକ୍କାର କରି ଉଠେ ।

ଝିଅମାନେ ଭାବନ୍ତି ବାପାମାଙ୍କ ପ୍ରତି କର୍ତ୍ତବ୍ୟ କେବଳ ପୁଅମାନଙ୍କର । ସେମାନେ ଅତିଥି ପରି ଆସିବେ । ନିଜର ଇଚ୍ଛା ଅନୁଯାୟୀ ବରାଦ ମୁତାବକ ବାର୍ଷିକ ଭେଟି ଆଦାୟ କରି ଚାଲିଯିବେ ।

ପଦ୍ମଲୋଚନ ପୁଅକୁ ଦୋଷ ଦିଅନ୍ତିନି । ଦୀର୍ଘ ପରିବାର ଯୋଗୁଁ ନିଜକୁ ଦୋଷ ଦିଅନ୍ତି । ବେଳେବେଳେ ସମୟ ଓ ବେକାର ସମସ୍ୟା ପ୍ରତି ସମାଜକୁ ଧିକ୍କାର କରନ୍ତି ।

ବଡ଼ଝିଅ ସକାଳ ବସରେ ଚାଲିଗଲା । ଗଲାବେଳେ ଭାଇକୁ ବସ୍ ପାଖରେ କହିଗଲା, ବାପାଙ୍କ କଥା ବୁଝିବୁ । ଡାକ୍ତରଖାନା ନେଉଥିବୁ ।

ଆଜି କି ଅପୂର୍ବ ଦୃଶ୍ୟ । ଚାରୁଲତା ପଦ୍ମଲୋଚନ ସମୁଦ୍ର କୂଳରେ ବସିଛନ୍ତି । ବାହାଘରର କିଛିଦିନ ପରେ ଶାଶୁ ଶ୍ୱଶୁର

ଗାଁକୁ ଗଲାବେଳେ ଥରୁଟେ ଆସିଥିଲେ ଚାରୁଲତା । ତାପରେ ଆଉ ମନେନାହିଁ ଚାରୁଲତାଙ୍କର । ପିଲାଛୁଆ ସଂସାର ଭିତରେ ଛନ୍ଦି ହୋଇ ଯାଇଛନ୍ତି । ଆଉ ମନ କରି ନାହାନ୍ତି କି ପଦ୍ମଲୋଚନ କେବେ ଡାକି ନାହାନ୍ତି ।

ଆକାଶରେ ଅସ୍ତଗାମୀ ସୂର୍ଯ୍ୟାଙ୍କର ସୁନେଲି କିରଣ । ଯୋଡ଼ି ଯୋଡ଼ି ସ୍ୱାମୀ ସ୍ତ୍ରୀ ଘୁରୁଛନ୍ତି ସମୁଦ୍ର କୂଳରେ । ପଦ୍ମଲୋଚନ ଓ ଚାରୁଲତାଙ୍କୁ ଛାଡ଼ି ସମସ୍ତେ ଚଳଚଞ୍ଚଳ । ଗୋଟିକିଆ ପକ୍ଷୀମାନେ ନୀଡ଼କୁ ଫେରି ଆସୁଛନ୍ତି । ମାଛମରା ଛୋଟ ଡଙ୍ଗାଟାଏ କୂଳକୁ ଫେରି ଆସୁଛି ।

ଚାରୁଲତା ପଦ୍ମଲୋଚନଙ୍କୁ କହୁଛନ୍ତି । ଡାକ୍ତର କହିଛନ୍ତି – କ୍ୟାନସର ରୋଗ ଭଲ ହେବନି । ଏବେ ଅପରେସନ କଲେ ଅଳ୍ପଦିନ ବଞ୍ଚି ହେବ । ପୁଣି ତ ରୋଗ ବାହାରିବ । ତାଛଡ଼ା ମାସକୁ ମାସ ଔଷଧ ଲାଗିବ । ଭଲ ହେଲେ ସାତବର୍ଷ ଚାକିରୀରେ ଆଉ ଲକ୍ଷେ ଟଙ୍କା ପାଇବ । ପୁଅ ଜିଦ ଧରିଛି ଘରଡିହ ବିକ୍ରି କରି ତୁମକୁ ମାଡ୍ରାସ ନେବ । ଅପରେସନ କରେଇବ । ଘରଡ଼ିହ ବିକ୍ରି କଲେ ରହିବା କେଉଁଠି ? ତୁମ ଅନ୍ତେ ସେ କରିବ କ'ଣ ?

ଚାରୁଲତା କହି ଚାଲିଛନ୍ତି ଜିଲ୍ଲା ସ୍କୁଲର ବାକପଟୁ ଶିକ୍ଷକ ଭଳି । ପଦ୍ମଲୋଚନ ଶୁଣି ଚାଲିଛନ୍ତି ସୁବୋଧ, ନିରଳସ ଛାତ୍ରଟିଏ ଭଳି । ସୂର୍ଯ୍ୟ ଲୁଚି ଆସିଲେଣି । ଅଝଟ ଭିକାରୀ ପିଲାଟିଏ ମାଗୁଛି, କିଛି ପଇସା ଦେଲେ ସେ ଚାଲିଯିବ । ତୁମ ଅନ୍ତେ କିଛି ଚାକିରି ଜମା ଟଙ୍କା ପାଇଲେ ପୁଅ ବେପାର କରି ଚଳିବ କିମ୍ବା କିଛି ଗୋଟାଏ କରିବ । ଆମେ ତ ପାଚିଲା ପତ୍ର । ଆଉ କେତେ ଦିନ ଅବା ବଞ୍ଚିବା । ଝିଅମାନେ ତ ନିଜ ବାଟରେ ଚାଲିଗଲେ । କ'ଣ ଆଉ କରିବା ।

ସେଦିନ ରାତିରେ ପଦ୍ମଲୋଚନ ଚାଲିଗଲେ । ଜୀବନର ନିଷ୍ଠୁର ସତ୍ୟ ମୃତ୍ୟୁ ଆଗରେ ହାର ମାନିଲେ । ଖଇ ପଇସା ବିଞ୍ଚି ବିଞ୍ଚି ବାପାଙ୍କୁ ଘର ପାରିକଲା ପୁଅ । ସ୍ୱର୍ଗଦ୍ୱାରର ବାଲୁକା ଶଯ୍ୟାରେ ବାପାଙ୍କୁ ଶୁଆଇ ଟଙ୍କାର ମାହାତ୍ମ୍ୟ ସଂପର୍କରେ ହିସାବ କରି ଚାଲିଲା, ସ୍ୱର୍ଗରୁ ମର୍ତ୍ତ୍ୟ ପର୍ଯ୍ୟନ୍ତ । ପଦ୍ମଲୋଚନଙ୍କ ମୃତ୍ୟୁ ପରଠାରୁ ଚାରୁଲତାଙ୍କୁ ନିଃସଙ୍ଗତାର ଚେତନା ଭାରାକ୍ରାନ୍ତ କରେ । ସେଇଦିନରୁ ନିଜକୁ ଦୂଷିକା ବୋଲି ଭାବନ୍ତି ଚାରୁଲତା । କାର୍ତ୍ତିକ ମାସରେ ଆକାଶଦୀପ ଜାଳିଲା ବେଳେ, ପୁଅ ବୋହୂ ସହିତ ସମୁଦ୍ର କୂଳ ବୁଲିଲାବେଳେ ସମୁଦ୍ରର ନୀଳ ଜଳ ଯେମିତି କହେ, "ତୁ ଦୂଷିକା, ତୁ ଦୂଷିକା ।" ❑❑❑

ଅଭିଶାପ

ଶୁଭମ ବେହେରା



ଯେହ୍ନେ ସୁଖ ଦୁଃଖ ଯାଆଁଳା ଭାଇ, ଠିକ ସେମିତି ଆଶୀର୍ବାଦ ଏବଂ ଅଭିଶାପ ଦୁହେଁ ଯାଆଁଳା ଭାଇ। ଆଶୀର୍ବାଦ ଯେମିତି ମଣିଷର ଜୀବନ ଶୈଳକୁ ବଦଳାଇ ଦିଏ ଠିକ ସେମିତି ଅଭିଶାପ ମଣିଷକୁ ତଳିତଳାନ୍ତ କରିଦିଏ। ତେବେ ଅଭିଶାପ କିପରି କାର୍ଯ୍ୟକାରି ହୁଏ ଆଉ ତାର ପ୍ରତିକାର କିପରି ହୋଇଥାଏ ଆସନ୍ତୁ ଜାଣିବା ଏହି ସୁନ୍ଦର ଛୋଟ ଗପ ମାଧ୍ୟମରେ।

ଭୁବନେଶ୍ୱରସ୍ଥିତ ଏକ ଛୋଟ ଗାଁର ଗୌଡ଼ ଘର ପରିବାରର ହରିବୋଲ ବେହେରା ନାମକ ଜଣେ ଅର୍ଦ୍ଧ ବୟସ୍କ, ଆଉ ତାର ବାର- ତେର ବର୍ଷର ପୁଅ ସୁଦର୍ଶନ ବେହେରା ବସବାସ କରୁଥିଲେ। ଦିନକର ଘଟଣା। ନାରଣ ସେଠି ଗାଈ ଦୁହୁଁ ଥାଏ, ଆଉ ତାର ପୁଅ ବାଛୁରୀକୁ ଜଗିଥାଏ। ନାରଣ ସେଠି ଯେତେବେଳେ ଗୋଟିଏ ଗାଈ ଦୁହିଁବା ସାରେ, ତାର ପୁଅ ସେତେବେଳେ ଗୋଟିଏ ବାଛୁରୀ ଛାଡ଼େ । ସେଦିନ ହଠାତ ବାପ-ପୁଅଙ୍କ ଭିତରେ କଳହ ସୃଷ୍ଟି ହେଲା । ଯାହା ଫଳରେ ନାରଣ ସେଠି ତାଙ୍କ ପୁଅ ଉପରକୁ ହାତ ଉଠାଇଦେଲେ। ଆଉ ତାଙ୍କ ପୁଅ ମଧ୍ୟ ଧରିଥିବା ପଘାରେ ତା ବାପା ଉପରକୁ ହାତ ଉଠାଇ ଦେଲା । ଆଉ ସେହିଠାରେ ନାରଣ ସେଠି ଅଭିଶାପ ଦେଲା ତୋତେ ଏମିତି ଏକ ବ୍ୟାଧି ହେବ ଯାହାକୁ କେହି ଡାକ୍ତର ଚିହ୍ନି ପାରିବେନି । କିଛି ଦିନ ଗଲା ପରେ ହରିବୋଲ ବେହେରା ଦେହାନ୍ତ ହୋଇଗଲା।

ହରିବୋଲ ବେହେରା,କିଶୋର ପୁର ନାମକ ଏକ ଗ୍ରାମରେ ଧୋବା ପରିବାରରେ ନାରଣ ସେଠି ନାମରେ ଜନ୍ମ ଗ୍ରହଣ କଲା। ନାରଣ ସେଠିକୁ ଯେତେବେଳେ ଯୁବ ବୟସ ହୋଇଥାଏ, ସେତେବେଳେ ସୁଦର୍ଶନକୁ ଷାଠିଏ ପାଖା ପାଖି। ସୁଦର୍ଶନକୁ ଏମିତି ଏକ ବ୍ୟାଧି ହେଲା ଯାହାକୁ କୌଣସି ଡାକ୍ତର ଚିହ୍ନି ପାରିଲେ ନାହିଁ। ପରେ ପରେ ସୁଦର୍ଶନ ଯାଇକି ଠାକୁରଙ୍କ ପାଖରେ ଅଧିଆ ପଡ଼ିଲେ। ଠାକୁର ସ୍ୱପ୍ନଦେଶ ହେଲେ ଏବଂ କହିଲେ କିଶୋରପୁର ନାମକ ଗ୍ରାମରେ ନାରଣ ସେଠି ନାମକ ଏକ ଯୁବକ ଅଛି । ତୁ ତାଙ୍କରି ପାଖକୁ ଯାଆ ତାଙ୍କର ସେବା କରିବୁ । ତାଙ୍କର ଉଚ୍ଛିଷ୍ଟ ଖାଇବୁ ତାଙ୍କର ପ୍ରତ୍ୟେକ କଥାକୁ ମାନିବୁ । ତା ପରେ ତୋର ସମସ୍ତ ବ୍ୟାଧି ସୁସ୍ଥ ହୋଇଯିବ। ଠାକୁରଙ୍କ ଏତିକି କଥା ଶୁଣିବା ପରେ ତାପର ଦିନ ସୁଦର୍ଶନ ବାହାରିଲା କିଶୋରପୁର ଗାଁ କୁ । ଭୁବନେଶ୍ୱରରୁ ଆସି କିଶୋରପୁର ଗ୍ରାମରେ ପହଞ୍ଚି ଗଲା। ଗାଁ ମୁଣ୍ଡରେ ଗୋଟିଏ ଚା ପାନ ଦୋକାନ ଥିଲା। ସେହି ଦୋକାନରେ ନାରଣ ସେଠି ଚା ପିଉଥାଏ। ସୁଦର୍ଶନ ଯାଇ ସେହି ଚା ଦୋକାନରେ ପହଁଚିଲା ଆଉ ପଚାରିବାକୁ ଲାଗିଲା,- ଆଜ୍ଞା ମୋତେ ଟିକେ ନାରଣ ସେଠିଙ୍କ ଠିକଣା ଦେଇ ପାରିବେ ? ସେ କେଉଁଠି ରହୁଛନ୍ତି ତାଙ୍କ ଘରର ଠିକଣାଟା ଟିକେ ଦେବେ ? ସେହିଠାରେ ତ ସ୍ୱୟଂ ନାରଣ ସେଠି ଥିଲା। ସେ କହିଲା, ମଉସା ଆପଣଙ୍କର ନାରଣ ସେଠି ପାଖରେ କି କାମ ଅଛି ? ସୁଦର୍ଶନ କହିଲା ମୋର ତାଙ୍କ ପାଖରେ ଏକ ଗୁରୁତ୍ୱପୂର୍ଣ୍ଣ କାମ ଅଛି । ଦୟାକରି ମୋତେ ଟିକିଏ ତାଙ୍କର ଠିକଣାଟା ବତାଇ ଦିଅନ୍ତୁ। ନାରଣ ସେଠି ତା ପରେ କହିଲେ ମୁଁ ନିଜେ ନାରଣ ସେଠି । କି କାମ ଅଛି ଏବେ କୁହ। ସଙ୍ଗେ ସଙ୍ଗେ ସୁଦର୍ଶନ ତମତମ ହୋଇ ନାରଣ ସେଠିର ଗୋଡ଼ ତଳେ ପଡିଗଲା। ଆଉ ସବୁ କଥା କହିଲା। ଆପଣ ମୋତେ ଅଭିଶାପ ଦେଇଥିଲେ ଯାହା ଫଳରେ ମୁଁ ଏବେ ସେହି ଅଭିଶାପରେ ଘାଣ୍ଟି ହେଉଛି । ଦୟାକରି ମୋତେ ଆପଣଙ୍କ ସେବା କରିବା ପାଇଁ ଅନୁମତି ଦିଅନ୍ତୁ । ମୋତେ ସ୍ୱପ୍ନଦେଶ ହୋଇଛି ଆପଣଙ୍କ ସେବା କରିବି । ଆପଣଙ୍କ ଉଚ୍ଛିଷ୍ଟ ଖାଇବି । ତାହାହେଲେ ମୁଁ ଏହି ଅଭିଶାପରୁ ମୁକ୍ତ ହୋଇପାରିବି। ତେଣୁ କରି ମୋତେ ଏତିକି ସହାୟ ହୁଅନ୍ତୁ। ନାରଣ ସେଠି ସୁଦର୍ଶନ କଥାରେ ରାଜି ହେଲେ। ଆଉ କିଛି ଦିନ ରହି ସୁଦର୍ଶନ, ନାରଣ ସେଠିର ସେବା ଶୁଶ୍ରୁଷା କଲା । ନାରଣ ସେଠିର ଉଚ୍ଛିଷ୍ଟ ଖାଇଲା ଆଉ ତାର ସବୁ ବ୍ୟାଧି ଭଲ ହେବା ପରେ ନାରଣ ସେଠିକୁ ନୂଆ ବସ୍ତ୍ର ପ୍ରଦାନ କରି ଆଶୀର୍ବାଦ ନେଇ ସେଠାରୁ ସିଏ ବିଦାୟ ନେଲା। ❒❒❒

ଜିଲ୍ଲା:କଟକ

କୋଟିଏ ଜଗନ୍ନାଥ

ରାହୁଲ ମହାନ୍ତି

କାମରୁ ବିରତି ନେଇ ଘରକୁ ଫେରିଲା ବେଳେ ହରିହର ଦାସଙ୍କ ପୁଅ ରିଗନ୍ ବାପାଙ୍କ ପିଠି ପଛଆଡୁ ଧାଇଁ ଆସି ଗୋଟେ ଲମ୍ଫଡିଆଁ ପକେଇ ନାଉ ହେଇ ଓହଳିପଡିଲା। ସବୁ କର୍ମ ଚାପରୁ କିଛି କ୍ଷଣ ଭୁଲି ପୁଅ ସ୍ନେହରେ ଅଳ୍ପ ଟିକେ ହସିଦେଉଥିଲା ବେଳେ ପତ୍ନୀ ରଞ୍ଜିତା ଆସି ତାଙ୍କୁ ପାଣି ଗିଲାସ ଦିଅନ୍ତି। ମୂରବୀ ହେବାକୁ ହେଲେ ନିଦ ଭୁଲିବାକୁ ହୁଏ ଏବଂ ବାବୁ ତ ରାଜ୍ୟର ମୂରବୀ। ରାଇଜଯାକର ଯେତକ ପରିବାର ,ତାଙ୍କ ସହ ସୁଖଦୁଃଖରେ ଠିଆ ହେଇ କେତେବେଳେ ନିଜ ପରିବାରକୁ ଭୁଲି ଯାଆନ୍ତି। ମୁଖ୍ୟମନ୍ତ୍ରୀ ପା... ଏଇ ପଦବୀଟା ହାସଲ କରିବାକୁ ହେଲେ ପରିବାର ମୋହ ଛାଡିବାକୁ ପଡିବ। ଆସନ୍ତାକାଲି ରିଗନ୍ ର ଜନ୍ମଦିନ। ବାପା ପ୍ରତିଶୃତି ଦେଇଥିଲି ଜନ୍ମଦିନରେ ଜଗା ଦର୍ଶନ କରେଇନେବେ ବୋଲି। ପୁଅକୁ ୯ ପୁରି ୧୦ ଚାଲିବ ହେଲେ ଏତିକି ଜୀବନ ଭିତରେ ଜଗା ଦର୍ଶନ କରି ପାରିନି ପୁଣି ମୁଖ୍ୟମନ୍ତ୍ରୀଙ୍କ ପୁଅ ହୋଇକରି। କାମରୁ ଫୁରୁସତ ମିଳିଲେ ତ ?

ବାପା ପୁଣି ମନା କରିଦେଲେ ଏ ବର୍ଷ ବି ଜନ୍ମଦିନରେ ଯୋଗ ଦେଇ ପାରିବେନି ହେଲେ ଉତ୍ସବକୁ ଆଡମ୍ବରରେ କେମିତି ପରିବାର ପାଳନ କରିବେ ସେଥିପାଇଁ ସହଯୋଗ କରିବେ। ପୁଅ ଓଡିଶାରେ ରହିଛି, ଓଡିଶାରେ ବଢ଼ିଛି, ଓଡିଆ ସ୍ୱାଦକୁ ଚାଖିଚି, ଓଡିଆପଣକୁ ଦେହରେ ବୋଳିଛି, ଏମିତି ତା ଦେଇ ଯେତିକି ସକ୍ଷମ ସବୁ ଠାବ କରି ଖୋଜିପାଇଛି କିନ୍ତୁ ବାକି ରହିଗଲା ଓଡ଼ିଆ ଇଷ୍ଟଦେବତାର ଠାବ। ହରିହର ଦାସ ନୀତି ତାକୁ ଜଗନ୍ନାଥଙ୍କ ଗପ ଶୁଣେଇବେ । ତାଙ୍କ ମହିମା, ଗାରିମା, କୀର୍ତ୍ତି, ଯଶ, ଭାବ, ଶ୍ରଦ୍ଧା ପ୍ରତି ଓଡ଼ିଆ ପାଇଛନ୍ତି , ତେଣୁ ଓଡ଼ିଆ ହେବାଟା ଗର୍ବ ବୋଲି ହରିହର ବାବୁ ତାଙ୍କ ପୁଅକୁ ଶୁଣାନ୍ତି ।

ଥରେ ପୁଅ ପଚାରିଥିଲା, ବାପା ଜଗନ୍ନାଥ ଦେଖିବାକୁ କେମିତି ? ପୁଅର ଏ ପ୍ରଶ୍ନ ଦେଖି ବାପା ଉତ୍ତର ରଖିଥିଲେ, ହାତ ଓ ଗୋଡ଼ ନଥିବା ହସକୁରା ଠାକୁର ସେ। ପୁଅର ଜନ୍ମଦିନ। “ ଶୁଣ୍ ଆଜି ଜନ୍ମଦିନ ତୋର। ଭଗବାନ୍ ଙ୍କୁ ଶକ୍ତି ମାଗିବୁ, ଭଲବାଟରେ ଯାଇ ମଣିଷ ହେବା ପାଇଁ ସାହାଯ୍ୟ ମାଗିବୁ। କିଛି ଦକ୍ଷିଣା ନେ... ଭଗବାନ୍ ଙ୍କ କୁଣ୍ଡିରେ ପକେଇଦବୁ”, ଏତିକି କହି ପୁଅକୁ ତାଙ୍କ ସୁରକ୍ଷାବାହିନୀଙ୍କ ସହ ପଠେଇ ଦେଲେ। ପୁଅ ଦର୍ଶନ କରି ଘରକୁ ଫେରିବା ପରେ ରାତିରେ ହରିହର ଦାସ ପଚାରନ୍ତି। ପୁଅ କୁହେ, ଜାଣ ବାପା ଆଜି ଜଗନ୍ନାଥଙ୍କୁ ଦେଖି ବହୁତ୍ ଖୁସି ଲାଗିଲା। ଆଉ ଜାଣିଛ... ଜଗନ୍ନାଥ ମୋ ସହ କଥା ବି ହେଲେ। ଆଶୀର୍ବାଦ ବି ଦେଲେ। କହିଲେ ଈଶ୍ୱର ମଙ୍ଗଳ କରନ୍ତୁ। ହେଲେ ସେ ତ ନିଜେ ଈଶ୍ୱର ଆଉ କିଏ ତାଙ୍କ ଉପରେ ଅଛନ୍ତି ଯେ ? ? ? ଆଉ ଜାଣ ବାପା ଆଜି ଅନେକ ଜଗନ୍ନାଥଙ୍କୁ ମୁଁ ଭେଟିଲି। ମତେ ଧରିଲେ, ମୋ ଗାଲକୁ ଗେଲ କଲେ, ମତେ ପାଖରେ ବି ବସେଇଲେ। ବାପା.... ପଇସା ତ ସବୁ ଦେଉଛନ୍ତି ତାଙ୍କ କୁଣ୍ଡିରେ ହେଲେ ଉଠେଇବାକୁ ଶକ୍ତି କାହିଁ ତାଙ୍କର ? ମୁଁ ଶେଷରେ ତାଙ୍କ ଥାଳିରେ ଦେଇ ଆସିଲି।

ପୁଅ କଥା ଶୁଣି ହରିହର ଦାସଙ୍କ ମୁଣ୍ଡ ଟାଲ୍ ମାରିନେଲାଣି। ଇଏ ସତ କହୁଛି କି କଣ କିଛି ବୁଝିପାରିଲେନି। ଦାରୁବିଗ୍ରହ ପୁଣି ତା ସହ କଥା ହେବେ ? ଆଶ୍ଚର୍ଯ୍ୟ ଲାଗୁନି ! ରିଗନ୍ ମିଛ କହିପାରେ ହେଲେ ତା ମୁହଁରୁ ସ୍ପଷ୍ଟ ସତ ଜଣା ପଡୁଥିଲା।

କାମକୁ ଗୋଟେ ଦିନ ରଦ୍ଦ କରି ପୁଅକୁ ନେଇ ଜଗନ୍ନାଥଙ୍କ ପାଖକୁ ଗଲେ। ଆଉ କହିଲେ, ଡାକ୍ ତୋ ସେଇ ଜଗନ୍ନାଥଙ୍କୁ। ପୁଅ ଟି ହାତ ବଢେଇ ସେ ଦେଖିଥିବା ଜଗନ୍ନାଥଙ୍କୁ ଦେଖେଇଲା।

ହାତ ନାହିଁ, ଗୋଡ଼ ନାହିଁ, ଚାଲିବାକୁ କ୍ଷମତା ନାହିଁ, ଗୋଟେ ଥାଳି ଧରି ମନ୍ଦିର ବାହାରେ ବସିଛି। ପୁଅ ସେ ଭିକାରୀକୁ ଜଗନ୍ନାଥ ଭାବି ଦେଇଛି। ଆଉ ଏଇଟା ଦେଖି ହରିହର ବାବୁ ଠୋ ଠା ହେଇ ହସନ୍ତି।

ରିଗନ୍ ଯାଇ ସେ ଭିକାରୀକୁ ଉଠେଇ କହିଲା, ଆଜ୍ଞା ଇଏ ମୋ ବାପା। ମୋ ବାପାଙ୍କୁ ଆଶୀର୍ବାଦ ଦିଅନ୍ତୁ। ହରିହର ତାକୁ ଭିଡ଼ିନେଲେ ଆଉ ପ୍ରକୃତ ଜଗନ୍ନାଥ ଦର୍ଶନ କରେଇ ଘରକୁ ଆଣିଲେ। ପୁଅ ବାଟରେ ପଚାରେ, ଇଏ କଣ ମୁଁ ଦେଖିଲି ଯେ ? ମନ୍ଦିର ଭିତରେ ଗୋଟିଏ ଜଗନ୍ନାଥର ସବୁ ପରିବାର ହେଲେ ମନ୍ଦିର ବାହାରେ ଯେଉଁ କୋଟିଏ ଜଗନ୍ନାଥ ଅଛନ୍ତି ତାଙ୍କର କେହି ନାହିଁ। ସେମାନେ ବି କଣ ଜଗନ୍ନାଥ ନୁହନ୍ତି କି ? ତାଙ୍କର ତ ହାତ ଗୋଡ଼ ନାହିଁ। ପୁଅ କଥା ଶୁଣି ବାପା ଉତ୍ତର ରଖନ୍ତି, ନା ସେମାନେ ମଣିଷ।

ମଣିଷର ହାତଗୋଡ଼ ଥାଏ, ହେଲେ ସେମାନଙ୍କର ତ ନାହିଁ। ମଣିଷ ବି ବଡ ଅଜବ୍। ଏଠି କୋଟି କୋଟି ଜଗନ୍ନାଥ ଅଛନ୍ତି ହେଲେ ଲୋକ ଗୋଟିଏ ଜଗନ୍ନାଥଙ୍କ ପଛରେ କଣ ପାଇଁ ଯାଆନ୍ତି ? ଆଉ ପୁଣି ସବୁ ପରିବାର ଗୋଟିଏ ଜଗନ୍ନାଥଙ୍କୁ ମୁଣ୍ଡରେ ମୁଣ୍ଡାନ୍ତି ହେଲେ ଏ କୋଟିଏ ଜଗନ୍ନାଥଙ୍କ ପାଇଁ ଗୋଟେ ହେଲେ ଆହା କରିବାକୁ ବି ନାହିଁ। ଏସବୁ କଣ କିଛି ବୁଝି ହେଉନି ବାପା ? ଓ ବୁଝିଲି ! ଭଗବାନ୍ ଏମାନଙ୍କ ଦେହରେ ବୋଧେ ନାହାନ୍ତି । ହେଲେ ତୁମେ ତ କହିଥିଲ ଭଗବାନ୍ ସଭିଙ୍କ ଦେହରେ ଅଛନ୍ତି। ମତେ ଯାହା ଲାଗୁଛି ମଣିଷ ଚିହ୍ନିପାରୁନାହାନ୍ତି। ହେଲେ ତୁମେ ତ ଚିହ୍ନିପାରିବ ନା ବାପା... ତୁମେ ଯେହେତୁ ସଭିଙ୍କ ଦେହରେ ଈଶ୍ୱରଙ୍କୁ ଦେଖିପାର।

ହରିହର ଦାସ ନୀରବ ରହି ପୁଅକୁ ଘରେ ଛାଡ଼ି ତାଙ୍କ କାମକୁ ପଳେଇଲେ ଆଉ ତାରଦିନ ଯେତକ ମନ୍ଦିର ସାମ୍ନାରେ ଦିବ୍ୟାଙ୍ଗ ଥାଆନ୍ତି, ସଭିଙ୍କ ପାଇଁ ଆଶ୍ରୟସ୍ଥଳି ଓ ସବୁଦିନିଆ ଖାଦ୍ୟର ସରଞ୍ଜାମ କରି ଏବଂ ତାଙ୍କୁ ଏକାଠି କରି ଗୋଟେ ପରିବାର ତିଆରି କଲେ ଓ ପ୍ରତିଶ୍ରୁତି ମଧ୍ୟ ଦେଲେ, ତୁମ ପରିବାର ସହ ମୁଁ ପ୍ରତି ସୁଖଦୁଃଖରେ ଛିଡ଼ା ହେବି।

❑❑❑

ବ୍ୟକ୍ତିତ୍ୱ

ଅନୀଲ୍ କୁମାର ମିଶ୍ର

ଏକ ବ୍ୟକ୍ତି, ଏକ ସାମାଜିକ ପ୍ରାଣୀ, ଉଚ୍ଚ ଆକାଂକ୍ଷା ସହିତ, ଆକାଶକୁ ଦୃଷ୍ଟି ଦେଇ ମହାନତା ହାସଲ କରିବାର ଲକ୍ଷ୍ୟ ରଖେ। ଉତ୍ପାଦନଶୀଳ ଚିନ୍ତାଧାରା ଏବଂ ସୃଜନଶୀଳ ଶକ୍ତି ସହିତ, ସେ ତାଙ୍କ ସ୍ୱପ୍ନକୁ ଉଡ଼ାଣ କରିବା ପାଇଁ ଦିନରାତି ଅକ୍ଲାନ୍ତ ପରିଶ୍ରମ କରନ୍ତି। ତ୍ୟାଗ ଏବଂ କଠିନ ପରିଶ୍ରମ ମାଧ୍ୟମରେ, ସେ ତାଙ୍କ ଲକ୍ଷ୍ୟ ହାସଲ କରନ୍ତି, ସଂକଳ୍ପ ଏବଂ ଧ୍ୟାନ ସହିତ, ଆତ୍ମାକୁ ପୂର୍ଣ୍ଣ ପ୍ରାପ୍ତି ଦୃଢ଼ ଇଛା ଶକ୍ତି ର ସଂକଳ୍ପ ନିଅନ୍ତି। ନମ୍ରତା ବିଦ୍ୟା ଚିନ୍ତାଶିଳ ବ୍ୟକ୍ତିତ୍ୱ ପ୍ରାରମ୍ଭ ରୁ ମହାନ ଉଚ୍ଚତା ପର୍ଯ୍ୟନ୍ତ, ସେ ତାଙ୍କର ସମସ୍ତ ଶକ୍ତି ସହିତ ସଫଳତା ପାଇଁ ଚେଷ୍ଟା କରନ୍ତି। ଶିକ୍ଷା ହେଉଛି ଏକ ଶୃଙ୍ଖଳିତ ଚାବିକାଠି, ତାଙ୍କର ସମ୍ଭାବ୍ୟ ମହାନତାକୁ ଉନ୍ମୁକ୍ତ କରିବା ପାଇଁ, ସ୍ୱଷ୍ଟ ଦୃଷ୍ଟି ଏବଂ ଉଦ୍ଦେଶ୍ୟ ସହିତ, ସଫଳତା ବିଚାର ଚିନ୍ତାଧାରା ମାର୍ଗ କୁ ନିଜର ସ୍ଥିତି ପ୍ରସ୍ତୁତ ଚୁଡାନ୍ତ କରନ୍ତି।

ଏକ ସିଦ୍ଧ ବ୍ୟକ୍ତିତ୍ୱ, ଉଜ୍ଜ୍ୱଳ ଖ୍ୟାତି ସହିତ, ନିଜ ପଥ ଖୋଜେ, ନେତୃତ୍ୱ ଏବଂ ଆଲୋକ ସହିତ ପରିପ୍ରକାଶ ପାଇଁ ସମତୁଲ ଗଢି ପାରେ । ଯୋଗ୍ୟତା ଏବଂ ଅଭିଜ୍ଞତା, ସ୍ୱଭାବ ସହିତ ତାଙ୍କ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ, ସମ୍ମାନ ଏବଂ ପ୍ରଶଂସା, ସର୍ବତ୍ର ତାଙ୍କ ଅନୁସରଣ ଓ ଅନୁଭୂତି ରୁ ମହାଦ୍ରୁମ ସଦୃଶ୍ୟ ବ୍ୟାପି ଯାଏ। ଏକ ଭଲ ମଣିଷ, ହୃଦୟରେ ମାନବତା ସ୍ପନ୍ଦନ ଜାଗୃତି ଅନାବିଳ ପ୍ରେମ ବିଶ୍ୱ ଭାତୃତ୍ୱ ମହାନତା ବ୍ୟକ୍ତିତ୍ୱ ବିଶ୍ୱ ପାଇଁ ଏକ ସମ୍ପତ୍ତି, ଏକ କଳାକୃତି। ଆମେ ସମସ୍ତେ ଚେଷ୍ଟା କରିବା, ଆମେ ଯଥାସମ୍ଭବ ଶ୍ରେଷ୍ଠ ହେବାକୁ । ଏକ ସ୍ୱଷ୍ଟ ଦୃଷ୍ଟି ଏବଂ ଆନନ୍ଦରେ ପରିପୂର୍ଣ୍ଣ ହୃଦୟ ସହିତ। କାରଣ ପ୍ରତ୍ୟେକ ମଣିଷର ନିଜସ୍ୱ ଢଙ୍ଗରେ ମହାନତା ଅଛି,ସେ ଜଣେ ଲେଖକ,ଅଭିନେତା ବୈଜ୍ଞାନିକ, କିମ୍ୱା ଆଦର୍ଶ ଶିକ୍ଷାବିତ୍ ବ୍ୟକ୍ତିତ୍ୱ ର ସୃଜନିକା ପରିପ୍ରକାଶମହୀୟସୀ ମହାନତା ସମ ସାମୟିକ ଆଧ୍ୟାତ୍ମିକ ବିଶାଳ ଗଭୀର ଚେତନା ଅନ୍ତର୍ଭୁକ୍ତ ଅନ୍ତର୍ଦୃଷ୍ଟି ଭିତରେ ତାର ପରିଚୟ ସୂଚାଏ ବ୍ୟକ୍ତିଗତ ଉନ୍ମେଷ ନବ ପ୍ରତିଭା ର ଆତ୍ମଚିନ୍ତନ ଏକ ବିଶାଳ ବ୍ୟକ୍ତିତ୍ୟ ର ପରିଚୟ ।❑❑❑

ଶୀତଲ୍ ବିହାର ଅନୁଗୋଳ

ପରୀ କାହାଣୀ

କୁନି ପରୀର ସନ୍ଦେଶ

ବିଭୂତି ଭୂଷଣ ସ୍ୱାଇଁ

-"ଆଃ,ରକ୍ଷା କର,କିଏ କେଉଁଠି ଅଛ ରକ୍ଷା କର"- କାହାର ଆର୍ତ୍ତଚିତ୍କାର ଶୁଣି ଚମକି ଉଠିଲା ରାଜୁ । ଚାରି ଆଡକୁ ନଜର ପକାଇଲା ସେ । କାହିଁ କେଉଁଠି କିଛି ଦେଖା ଯାଉନାହିଁ । ତଥାପି ଶବ୍ଦ ଆସୁଥିବା ଦିଗକୁ ସେ ଧିରେ ଧିରେ ଆଗେଇଲା । ଦେଖିଲା-ବୁଦା ଆଢୁଆଳରେ ଛୋଟ ଝିଅଟିଏ ରକ୍ତାକ୍ତ ଅବସ୍ଥାରେ ପଡିରହିଛି । ନାକରୁ ତାର ଧାରେ ରକ୍ତ ନିଗିଡି ପଡୁଛି । କାଳବିଳମ୍ବ ନ କରି ରାଜୁ ପକେଟରୁ ନିଜ ରୁମାଲ୍ କାଢି ଝିଅଟିର ନାକରୁ ରକ୍ତ ପୋଛି ଦେଲା । ହଠାତ୍ ତାର ଦୃଷ୍ଟି ପଡିଲା କୁନି ଝିଅଟିର ଦୁଇ ବାହୁ ଉପରେ । ଆରେ ଏ କଣ ସେ ଦେଖୁଛି ? ଝିଅଟିର ବାହୁ ଦୁଇ ପାର୍ଶ୍ୱରେ ଦୁଇଟି ଶୁଭ୍ର,ନରମ ଡେଣା ଲାଗିଛି । ତା ଉପରେ ସୂର୍ଯ୍ୟଙ୍କର କୋମଳ କିରଣ ପଡି ଚିକ୍ ଚିକ୍ କରୁଛି ।

-'ତାହା ହେଲେ ଏଇ କୁନିଝିଅଟି ଜଣେ ପରୀ । ଯାହାର କଥା ସେ ନିଜ ଜେଜେମାଙ୍କ କାହାଣୀରୁ ଶୁଣିଛି ।' ମନେ ମନେ ଭାବୁଥାଏ ରାଜୁ । ହଠାତ୍ କୁନିଝିଅଟିର ଚିତ୍କାର ଶୁଣି ସେ ସମ୍ବିତ ଫେରିପାଇଲା । କୁନିଝିଅଟି ହାତ ଠାରି ନିକଟସ୍ଥ ବୃକ୍ଷରୁ କିଛି ପତ୍ର ଆଣିବାକୁ ତାକୁ ଇସାରା କରୁଥିଲା । ରାଜୁ ସେହି ବୃକ୍ଷରୁ କିଛି ପତ୍ର ତୋଳି ଆଣି କୁନି ଝିଅଟିର ହାତରେ ଦେଲା । ନିଜ ଦୁଇ ହାତରେ ପତ୍ରତକ ଦଳି କେଇ ବୁନ୍ଦା ରସ ନିଜ ନାକରେ ପକାଇଲା ଝିଅଟି । କିଛି କ୍ଷଣ ପରେ ସେ ଟିକିଏ ସାଷ୍ଟାମ ହେଲା । ଏଥର ରାଜୁ ନିଜ ଉତ୍କଣ୍ଠାକୁ ଚାପି ନ ପାରି ପ୍ରଶ୍ନ କଲା- "ଆଚ୍ଛା କହିଲ, ତୁମର ନାଁ କଣ ? ତୁମେ କେଉଁ ଦେଶରୁ ଆସିଛ ? ତୁମେ କଣ ଜଣେ ପରୀ ?"

କୁନି ଝିଅଟି ରାଜୁର ପ୍ରଶ୍ନ ଶୁଣି ଟିକିଏ ହସିଦେଲା । କୋମଳ ସ୍ୱରରେ କହିଲା- "ରାଜୁ,ମୋର ନାମ ହେଉଛି ଇଲିୟାନା । ମୁଁ ପରୀ ରାଇଜରୁ ଆସିଛି ।" ନିଜର ନାଁଟି କୁନି ଝିଅଟି କିପରି ଜାଣିଲା ଭାବି ରାଜୁ ମନେ ମନେ ବିସ୍ମିତ ହେଉଥିଲା । – "ତାହା ହେଲେ ଜେଜେ ମା' ମୋତେ ଯେଉଁ ପରୀ ଗପ କହେ ସେହି ପରୀ ରାଇଜରୁ ତୁମେ ଆସିଛ ତ ?" ପ୍ରଶ୍ନିଳ ଦୃଷ୍ଟିରେ କୁନି ପରୀକୁ ଚାହିଁ ପଚାରିଲା ରାଜୁ । କୁନିପରୀଟି ତା କଥାରେ ସମ୍ମତି ଜଣାଇଲା । ଏଥର ରାଜୁ ପୁଣି ପଚାରିଲା – "ଆଗରୁ ପରୀମାନେ ଏଇ ପୃଥିବୀକୁ ଆସୁ ଥିଲେ । ଆମ୍ଭମାନଙ୍କ ପରି ଛୋଟ ପିଲାମାନଙ୍କ ସହ ଖେଳୁଥିଲେ । ଅସୁବିଧାରେ ପଡୁଥିବା ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ହେଲେ ଏବେ ସେମାନେ କାହିଁକି ଆସୁନାହାନ୍ତି ?"

କୁନି ପରୀଟି ଏକ ଲମ୍ବା ନିଶ୍ୱାସ ନେଇ କହିଲା- "ରାଜୁ,ପରୀମାନେ ଏବେ ମଧ୍ୟ ପୃଥିବୀକୁ ଆସିବାକୁ ଅତ୍ୟନ୍ତ ଆଗ୍ରହୀ । ମାତ୍ର ଏବେ ପୃଥିବୀର ଜଳବାୟୁ ଅନେକ ପରିବର୍ତ୍ତନ ହୋଇଯାଇଛି । ଆଗଭଳି ଏଠାରେ ନିର୍ମଳ ବାୟୁ,ସ୍ୱଚ୍ଛ ଜଳ,ସବୁଜ ଘନ ଜଙ୍ଗଲ,ବିସ୍ତୀର୍ଣ୍ଣ ପ୍ରାନ୍ତର ଦେଖିବାକୁ ମିଳୁନାହିଁ । କଳକାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ, ଯାନବାହାନ ମାନଙ୍କର ବିକଟାଳ ଗର୍ଜନ ସହ ଜଙ୍ଗଲ ଦ୍ରୁତ ଗତିରେ ଲୋପ ପାଉଥିବାରୁ ପୃଥିବୀ ଏକ ବିଷାକ୍ତ ଗ୍ରହରେ ପରିଣତ ହେବାକୁ ଯାଉଛି । ଏଭଳି ସ୍ଥଳେ ପରୀମାନେ ଏଠାକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ।" କୁନି ପରୀଟି କିଛି ସମୟ ଅଟକି ଯାଇ ପୁଣି କହିଲା- "ଏଇ ପୃଥିବୀକୁ ଆସିବା ପାଇଁ ମୋର ବହୁତ ଆଗ୍ରହ ଅଛି । ଏକଥା ମୋର ମାଆ ଜାଣି ପାରି ଏଠାକୁ ନ ଆସିବାକୁ ବାରମ୍ବାର ମନା କରିଥିଲା । କାରଣ ସେ ଜାଣିଥିଲା ଯେ-ପୃଥିବୀର ଏଇ ବିଷାକ୍ତ ବାୟୁମଣ୍ଡଳରେ ପରୀମାନେ ନିଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ଅନୁଭବ କରିବେ । ପରନ୍ତୁ ମୁଁ ତାର କଥାକୁ ନ ମାନି ଏକା ଏକା ଏଠାକୁ ଚାଲି ଆସିଥିଲି । ମାତ୍ର ଏହି ପୃଥିବୀର ବିଷାକ୍ତ ପରିବେଶ ମୋତେ ଅଣନିଶ୍ୱାସୀ କରିଦେଲା । ମୁଁ ମୋର ଶକ୍ତି କ୍ରମଶଃ ହରାଇ ବସିଲି । ତୁମେ ଆଜି ଠିକ୍ ସମୟରେ ନ ଆସିଥିଲେ ମୋର ଜୀବନ ଚାଲିଯାଇ ଥାଆନ୍ତା ।"

କୁନି ପରୀର କଥା ଶୁଣି ରାଜୁ ପଚାରିଲା- "ତେବେ ପୃଥିବୀ କଣ ଧ୍ୱସଂ ହୋଇଯିବ ?"

- "ନା,ନା,ତୁମେ ମାନେ ଚେଷ୍ଟା କଲେ ଏଇ ପୃଥିବୀ ନିଶ୍ଚୟ ରକ୍ଷା ପାଇଯିବ । ମାତ୍ର ସେଥିପାଇଁ ପ୍ରଚଣ୍ଡ ଉଦ୍ୟମ ତଥା ନିଷ୍ଠାର ଆବଶ୍ୟକତା ଅଛି ।" ଉ ର ଦେଲା କୁନି ପରୀ ।

- "ପୃଥିବୀକୁ ରକ୍ଷା କରିବାର ଉପାୟ କଣ କୁନିପରୀ ?" ରାଜୁ ପ୍ରଶ୍ନ କଲା । - "ଏଇ ସମସ୍ୟାର ଏକମାତ୍ର ସମାଧାନ ହେଉଛି କେବଳ ପ୍ରଚୁର ମାତ୍ରାରେ ଗଛ ଲଗାଇବା । ଯଦି ମଣିଷ ନିଜର ସ୍ୱାର୍ଥ ସାଧନ ନିମନ୍ତେ ଅହରହ ଜଙ୍ଗଲ ନଷ୍ଟ କରିବ,ତାହା ହେଲେ ପୃଥିବୀ ପୃଷ୍ଠରୁ ଅଳ୍ପ ସମୟ ମଧ୍ୟରେ ଜଙ୍ଗଲ ଶେଷ ହୋଇଯିବ । ତେଣୁ ବୃକ୍ଷର ସଂରକ୍ଷଣ କରିବା ସହ ନୂତନ ବୃକ୍ଷରୋପଣ କରିବାର ଆବଶ୍ୟକତା ରହିଛି । କେବଳ ବୃକ୍ଷ ହିଁ ଅଙ୍ଗାରକାମ୍ଳ ପରି ବିଷାକ୍ତ ବାଷ୍ପକୁ ଗ୍ରହଣ କରି ବାୟୁମଣ୍ଡଳକୁ ଅମ୍ଳଯାନ ଛାଡିଥାଏ । ଏହି ଅମ୍ଳଯାନ ହିଁ ମଣିଷ ସମେତ ସମସ୍ତ ପ୍ରାଣୀମାନଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଥାଏ । ତେଣୁ ନିଜର ଭବିଷ୍ୟତ ସୁରକ୍ଷିତ ରଖିବାକୁ ହେଲେ ମଣିଷ ନିଜର ବିଳାସବ୍ୟସନ ତ୍ୟାଗ କରିବାକୁ ପଡିବ । ତାହା ସହିତ କଳକାରଖାନା ଓ ଯାନବାହାନରୁ ନିର୍ଗତ ବିଷାକ୍ତ ବାଷ୍ପକୁ ବାୟୁମଣ୍ଡଳକୁ ନ ଛାଡିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହେବ ।" କୁନିପରୀର କଥା ଗୁଡିକୁ ମନଧ୍ୟାନ ଦେଇ ଶୁଣୁଥିଲା ରାଜୁ । ସେ କହିଲା- "ତାହାହେଲେ ଆମମାନଙ୍କ ପରି ପିଲାମାନେ କଣ ପରିବେଶ ସଂରକ୍ଷଣ କରିପାରିବେ ?"

- "ନିଶ୍ଚୟ,ତୁମେମାନେ ହିଁ ତ ଆଗାମୀ କାଲିର ଭବିଷ୍ୟତ । ତୁମେମାନେ ନିଜ ବାଡି,ବଗିଚା, ଖୋଲା ପଡିଆ, ବିଦ୍ୟାଳୟ ପରିସର କିମ୍ବା ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗାଇ ପାରିବ । କେବଳ ଗଛ ଲଗାଇ ଦେଲେ ଚଳିବ ନାହିଁ,ତାର ଉପଯୁକ୍ତ ଯତ୍ନ ନେବାକୁ ପଡିବ । ବାହ୍ୟ ପଶୁମାନଙ୍କ କବଳରୁ ରକ୍ଷା କରିବା ପାଇଁ ବାଡ ଦେବାକୁ ପଡିବ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଛ ଲଗାଇବା ପାଇଁ ସଚେତନ କରିବାକୁ ପଡିବ । ତାହାହେଲେ ବିଷାକ୍ତ ଗ୍ୟାସ ବଳୟରେ ଥିବା ତୁମ ପ୍ରିୟ ପୃଥିବୀ ପୁଣି ସବୁଜିମାରେ ଭରିଯିବ ।" -ଉ ର ଦେଲା କୁନି ପରୀ ।

ରାଜୁ ଖୁସି ହୋଇ କୁନି ପରୀର ହାତ ଧରି ଜୋର୍‌ରେ କହିଲା- "ମୁଁ କଥା ଦେଉଛି କୁନି ପରୀ,ମୁଁ ଏଥର ନିଶ୍ଚୟ ଗଛ ଲଗାଇବି । ପୃଥିବୀକୁ ଧ୍ୱସଂ ମୁହଁରୁ ରକ୍ଷା କରିବି ।"

- "ଆରେ ତୁ କାହାକୁ ରକ୍ଷା କରିବୁ ? କଣ ସ୍ୱପ୍ନ ଦେଖିଲୁ କି ?" ରାଜୁର ଚିତ୍କାର ଶୁଣି ତାର ମାଆ ବେଡ୍ ପାଖକୁ ଆସି ପଚାରିଲେ । ରାଜୁ ନିଦରୁ ଉଠି ସ୍ୱପ୍ନରେ କୁନି ପରୀ କହିଥିବା ସମସ୍ତ କଥା କହିଲା । ମା' ସବୁ ଶୁଣି ସାରି କହିଲେ – "ହଁ ରେ ରାଜୁ,କୁନି ପରୀ ଠିକ୍ କଥା କହିଛି । ତୁମେ ମାନେ ଚାହିଁଲେ ଏଇ ପୃଥିବୀକୁ ନିଶ୍ଚୟ ରକ୍ଷା କରିପାରିବ" । ସେଇ ଦିନ ଠାରୁ ରାଜୁ ତାର ସାଙ୍ଗମାନଙ୍କ ସହ ମିଶି ନୂଆ ନୂଆ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରୁଛି ।

□□□

ସଭାପତି,
ସମ୍ବାଦ ସାହିତ୍ୟ ଘର,ସାଉଥବଲଣ୍ଡା ଶାଖା
ମୋବାଇଲ୍ ନମ୍ବର-୯୪୩୭୯୦୩୩୪୦

ସଞ୍ଚୟ

ବୁଦ୍ଧଦେବ ସେଠୀ

ଶିକ୍ଷକ-ଆଚ୍ଛା ପିଲାମାନେ ଆଜି ତୁମମାନଙ୍କୁ ମୁଁ ଭଲ କଥାଟିଏ କହିବି, ତୁମେମାନେ ମନ ଦେଇ ଶୁଣିବ ତୁମ୍ଭର କାମରେ ଆସିବ।

ପିଲାମାନେ-ହଁ,ଆଜ୍ଞା କୁହନ୍ତୁ ।

ଶିକ୍ଷକ-ପିଲାମାନେ ତୁମ୍ଭେମାନେ, ତୁମ ବାପା ଠାରୁ କିଛି ଜଳଖିଆ ଖର୍ଚ୍ଚ ବା ହାତ ଖର୍ଚ୍ଚ ଆଣୁଥିବ ।

ପିଲାମାନେ-ହଁ ଆଜ୍ଞା

ଶିକ୍ଷକ- ତେବେ ସେହି ହାତ ଖର୍ଚ୍ଚରୁ ତୁମେ କିଛି କେମିତି ସଞ୍ଚୟ କରିବ, ସେ ବିଷୟରେ ମୁଁ ତୁମାନଙ୍କୁ କହିବି, ଭବିଷ୍ୟତରେ ତୁମ୍ଭମାନଙ୍କ ଉପକାରରେ ଆସିବ।

ପିଲାମାନେ- ଆପଣ ଆମ୍ଭମାନଙ୍କୁ ସେ ବିଷୟରେ ବୁଝାଇ କୁହନ୍ତୁ।

ଶିକ୍ଷକ- ତେବେ ତୁମ୍ଭେମାନେ ମନଦେଇ ଶୁଣ । ତୁମ୍ଭେମାନେ ଜାଣିଛ ବର୍ଷକ ବାର ମାସ । ସେଥିରୁ କିଛି ମାସ ତିରିଶ ଦିନ, ଆଉ କିଛି ମାସ ଏକ ତିରିଶି ଦିନ। ପ୍ରତି ଚାରି ବର୍ଷରେ ଥରେ ଅଧିବର୍ଷ ପଡ଼ିଥାଏ । ଯେଉଁ ବର୍ଷ ଏହି ଅଧିବର୍ଷ ପଡ଼ିଥାଏ, ସେହି ବର୍ଷ ଫେବୃଆରୀ ମାସ ଅଣତିରିଶି ଦିନ ହୁଏ, ନହେଲେ ଅନ୍ୟ ସବୁ ବର୍ଷ ଅଠାଇଶ ଦିନ ହୁଏ।

ପିଲାମାନେ-ସାର୍ ତା'ପରେ କଣ ହେବ ?

ଶିକ୍ଷକ-ଏବେ ତୁମ୍ଭମାନଙ୍କୁ ସବୁ ବିବରଣୀ କହୁଛି ।

ପ୍ରତ୍ୟେକ ମାସର ତାରିଖ ଅନୁସାରେ ଟଙ୍କା ଗୋଟିଏ ବାକ୍ସରେ ଜମା କରିବ। ଉଦାହରଣ- ଜାନୁୟାରୀ ମାସରେ ୧ ତାରିଖ ଦିନ ୧ ଟଙ୍କା. ଦୁଇ ତାରିଖ ଦିନ ୨ ଟଙ୍କା, ୩ ତାରିଖ ଦିନ ୩ଟଙ୍କା, ୩୧ ତାରିଖ ଦିନ ୩୧ ଟଙ୍କା ଜମାବାକ୍ସରେ ଜମା କରିବ । ଦେଖିବ ବର୍ଷ ଶେଷରେ ତୁମ ବାକ୍ସରେ କେତେ ଟଙ୍କା ଜମା ହୋଇଥିବ।

ଇଂରାଜୀ ମାସ -

ଜାନୁଆରୀ- ୩୧ ଦିନ = ୪୯୬ ଟଙ୍କା

ଫେବୃଆରୀ-୨୮= ୪୦୬ ଟଙ୍କା

ମାର୍ଚ୍ଚ -୩୧= ୪୯୬ ଟଙ୍କା

ଅପ୍ରେଲ -୩୦= ୪୬୫ ଟଙ୍କା

ମଇ -୩୧= ୪୯୬ ଟଙ୍କା

ଜୁନ -୩୦= ୪୬୫ ଟଙ୍କା

ଜୁଲାଇ -୩୧= ୪୯୬ ଟଙ୍କା

ଅଗଷ୍ଟ -୩୧= ୪୯୬ ଟଙ୍କା

ସେପଟ୍ମେର-୩୦= ୪୬୫ ଟଙ୍କା

ଅକ୍ଟୋବର -୩୧= ୪୯୬ ଟଙ୍କା

ନଭେମ୍ବର -୩୦= ୪୬୫ ଟଙ୍କା

ଡିସେମ୍ବର -୩୧= ୪୯୬ ଟଙ୍କା

୧୨ମାସ =୩୬୫ଦିନ= ୫୭୩୮ଟଙ୍କା

ତୁମ୍ଭେମାନେ ପ୍ରତ୍ୟେକ ମାସର ତାରିଖ ଅନୁସାରେ ଟଙ୍କା ଗୋଟିଏ ବାକ୍ସରେ ରଖିବା ଅଭ୍ୟାସ କରିବ, ବର୍ଷ ଶେଷରେ ତୁମର ୫୭୩୮ ଟଙ୍କା ହୋଇଯିବ।

ବୁଝିଲ ତ, ଟଙ୍କା ସଂଚୟ କରିବାର ଉପାୟ ।

❒❒❒

ଗ୍ରାମ-ରଙ୍ଗବେଡା,ପୋ ଅ-ବିଜିଗୋଳ
ଭାୟା-କଣିହାଁ, ତାଳଚେର,
ଜିଲ୍ଲା-ଅନୁଗୋଳ-୭୫୯୧୧୭ ,ଓଡ଼ିଶା
ମୋ-୯୪୩୭୦୧୩୫୩୨,୮୩୨୭୭୧୨୨୦୧



ପଦ୍ୟ ବିଭାଗ

ବ୍ୟାସ କବି ଫକୀର ମୋହନ ସେନାପତି

ମୁକୁନ୍ଦ ଚନ୍ଦ୍ର ସାମଲ

ଜିଲ୍ଲା ବାଲେଶ୍ୱର ଗ୍ରାମ ମଲିକାଶ
ପିତା ଲକ୍ଷଣ କୁମାର
ପାଞ୍ଚ ବର୍ଷ ପରେ ପିତା, ମାତା ଦୁହେଁ
ଚାଲିଗଲେ ସ୍ୱର୍ଗ ପୁର ॥
ପିଲାଦିନ ନାମ ଦେଇଥିଲେ ପିତା
ଶ୍ରଦ୍ଧାରେ ବ୍ରଜମୋହନ
ଜେଜୀମାଆ ପାଖେ, ବାଲ୍ୟ କାଳୁ ବ୍ରଜ
ବଢ଼ିଲେ ପାଇ ପାଳନ ॥
ଶରୀର ଅସୁସ୍ଥ ରହୁଥିଲା ବୋଲି
ଫକୀର ପାଖକୁ ନେଇ
ଚିକିତ୍ସା କରନ୍ତି, ନାମକୁ ରଖିଲେ
ଶ୍ରଦ୍ଧାରେ ଫକୀର ତହିଁ ।
ଦାଦାଙ୍କ ବିରୁଦ୍ଧ ଥିଲା ହେଉ ମୂର୍ଖ
ଫକୀର ପାଠ ନ ପଢୁ
କାମ କଲେ, ସିନା ରୋଜଗାର ହେବ
ବଞ୍ଚିବା ଜୀବନ ଗଢୁ ॥
କଷ୍ଟେ ମଷ୍ଟେ ନିଜ ଗାଁ ବିଦ୍ୟାଳୟେ
କଲେ ମାଇନର ପାଶ
ଅଧିକ ପଢୁଆ ହେବାକୁ ଦାଦାଙ୍କ
ଥିଲା ବହୁତ ଆକ୍ରୋଶ ॥
ଅଧା ରହିଗଲା ପାଠ ପଢ଼ା ତାଙ୍କ
ଶିକ୍ଷା ଆଉ ନ ପାଇଲେ
ଶିକ୍ଷକଙ୍କ ଘରେ କାମ କରି ସିଏ
ଉଚ୍ଚଶିକ୍ଷା ପାସ କଲେ ॥

ମେଧାବୀ ପଢ଼ାରେ, କିରାଣୀ ଚାକିରୀ
ଜିଲ୍ଲାପାଳ କାର୍ଯ୍ୟାଳୟେ
ବାଲେଶ୍ୱର ରାଜା ରଖିଲେ ଦେୱାନ
ନିଜ ରାଜ ଉଆସରେ ॥
ବିଚକ୍ଷଣ ବୁଦ୍ଧି ଗଦ୍ୟ ସାହିତ୍ୟରେ
ପାଣ୍ଡିତ୍ୟ ସେ ସୃଷ୍ଟିକର୍ତ୍ତା
ତେଣୁ ବ୍ୟାସ କବି ଉପାଧିରେ ସିଦ୍ଧି
ପାଇଥିଲେ ବୁଦ୍ଧି ମତା ॥
ଛ' ମାଣ ଆଠ ଗୁଣ୍ଠ ଓ ଲଛମା
ପ୍ରାୟଶ୍ଚିତ ଗଳ୍ପ ନାମେ
ସରଳ ଭାଷାରେ ଲେଖିଲେ ନିଛକ
ସାମାଜିକ ନିତି ମର୍ମେ ॥
ରେବତୀ, ସାଙ୍ଗକୁ ଡାକମୁନିସ ସେ
ବଗୁଲା ବଗୁଲି ଗପ
ପେଣ୍ଟଡ଼ ମେଡ଼ିସିନ ଅଧର୍ମ ବିତ୍ତକୁ
ଲେଖିଲେ ନିଛକ ଛାପ ॥
ଧୁଳିଆ ବାବା ଓ ଅଧରମ ବିତ୍ତ
ରାଣ୍ଡି ପୁଅ ସେ ଅନନ୍ତା
ବ୍ୟାସ କବି ନାମେ ଯୁଗେ ଯୁଗେ ଆଜି
ହୋଇଲେ ଜଗତ ଜିତା ॥

□□□

ତାଳଚେର

ବଂଶୀ

ରୀନାରାଣୀ ରାଉତରାୟ

ପବନ ଉଡ଼େଇ ନେଉଛି ପଣତକାନି
ସାରା ଘର ଚନ୍ଦନ କସ୍ତୁରୀ ବାସ୍ନାରେ ମହକୁଛି
ରହି ରହି ଶୁଭୁଛି କୋଉଠୁ ଏ ମଧୁର ସ୍ୱନ
କେହିଜଣେ କୋଉଠି ଡ଼ାକୁଛି
ହେ ଆସ୍‌ନା
ତାରା ତୋଳିବା
ଜହ୍ନ ସହିତ ଘଡ଼ିଏ ଖେଳିବା ।
ଘରେ ଥିବା ପକ୍ଷୀ ଜପୁଛି ରାମ ନାମ
ଏଡ଼ିକି ଅବୁଝା ସେ କୁଆଡ଼େ ବି ଯାଉନି
ଯେତେ ଖୋଲି ରଖିଲେ ପଞ୍ଜୁରୀର ବାଟ ।
ଏବେ ଏମିତି
ଦିନରାତି ଶୁଭୁଥାଉ ସେଇ ପରିଚିତ ଧ୍ୱନି
ଶୁଣି ଶୁଣି ଶୋଇପଡୁ ଗାଢ଼ ନିଦରେ ଗୋଟେ ମାଧ୍ୟାହ୍ନ
ରାତି ଆସିବା ଆଗରୁ ଜାଗିଉଠୁ ସଞ୍ଜବେଳ
ବେଦଧ୍ୱନିରେ ଝଙ୍କୃତ ହେଉଥାଉ
ସକାଳ ପରି ସାରାକାଳ ॥
ଏବଂ ଶେଷରେ
ବଂଶୀ ବାଦକର ଅଦୃଶ୍ୟ ଆଖିର ଲୁହପରି
ପତ୍ର ଉପରେ ଖେଳୁଥିବା ଜୀବନବିନ୍ଦୁ
ଦିନେ ମିଳେଇ ଯାଉ ସେ ଆଖିରେ ॥
ସେଇ ଧ୍ୱନି
ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ ହୋଇ
ନିଆଁରେ ଫୁଟାଉ ଥାଉ କୃଷ୍ଣଚୂଡ଼ା ॥
ଦୀର୍ଘଜୀବୀ ହେଉ ଖରାରୁ ରୂପାନ୍ତରିତ ହେଉଥିବା ମେଘ
ତାର କଳାଘୁମର ଛାତିରେ ଲୁଚିଥାଉ ବର୍ଷା
ଚିରସ୍ଥାୟୀ ହେଉ ମେଘ ଓଠରେ
ବିଜୁଳି ପରି ଧାରେ ହସ ।
ପୃଥିବୀର ଆର୍ଦ୍ରତାରେ ବାରମ୍ବାର
ଜୀବନ୍ୟାସ ପାଉ ଏ ଶ୍ୟାମଳ ସଂସାର ॥ ❒❒❒

ମୁଁ କିଏ ?

ତ୍ରିନାଥ ସାହୁ

ମୁଁ କିଏ, କି ପରିଚୟ ମୋର
କୁଆଡ଼େ ଆସିଛି ମୁହିଁ,
ଯୁଆଡ଼େ ଚାହୁଁଛି ସ୍ୱାର୍ଥର ବାଦଲ
ଲାଳସାରେ ଭରା ନଈ ॥୧॥
ସରଜିଲି ଯେବେ ପବିତ୍ର ଗରଭେ
ଲଭି ମାତାର ଉଷ୍ମତା
ମେଦମାଂସ ରକ୍ତ ଅସ୍ଥି ଗଢାହେଲା
ସମାହିତ ଜୀବ ସତ୍ତା ॥୨॥
ଛୋଟ ଛୋଟ ପାଦ ଥାପିଲି ମାଟିରେ
ମୃଣ୍ମୟ ଶରଧା ଲଭି
ଜନକ ଜନନୀ ସ୍ନେହ ବାତ୍ସଲ୍ୟରେ
ଜାୟା ମୋହେ ଗଲି ଦ୍ରବି ॥୩॥
ଗଢ଼ିଲି ଭାଙ୍ଗିଲି ନିଜର ଇଚ୍ଛାରେ
ସୁରମ୍ୟ ପ୍ରାସାଦ, ଘର
ଆଖିରେ ପରଳ କ୍ଷୀଣ ହୋଇଗଲା
କର୍ତ୍ତବ୍ୟର ଅଙ୍ଗୀକାର ॥୪॥
ଦିନ ଗଡ଼ିଗଲା ରବି ରଥ ପରି
ସକାଳରୁ ହେଲା ସଞ୍ଜ
ଦେହୀ ଦେହ ନଈ ନୌକା ପ୍ରବାହ
ବୃକ୍ଷ ତନୁ ପ୍ରାଣ ମଞ୍ଜ ॥
ହାଟ ସରିଗଲା ବାଟରେ ଖୋଜିଲି
ହଳେ ବଳଦର ସାଥୀ
ଆଖି ବୁଜିଦେଲେ ଯିଏ ନେଇଯିବ
ପାରିଜାତ ବନ ବିଥୀ ॥୬॥
ବୁଝି ପାରିଲିନି ଅବୁଝା ଅଙ୍କକୁ
ଶେଷରେ ଭେଟିଲି ଶୂନ
ମୁଁ କିଏ ଏହା ଜାଣିବା ପାଇଁକି
ଛାଡ଼ିଲିନି ଅଭିମାନ ॥୭॥ ❒❒❒

ସଂପାଦକ,
ସମ୍ବାଦ ସାହିତ୍ୟ ଘର,ସାଉଥବଲଣ୍ଡା

ଶବ୍ଦର ଶିଳାପଦ୍ମ

ରତ୍ନପ୍ରଭା ବାଇ

ତମେ ଚାଲିଗଲ ଠିକଣା ନଦେଇ ମୁଁ, ଜଳେ ତୁମ ସ୍ମୃତିରେ
ତମେ ହଜିଗଲ ମୁଁ, ଖୋଜେ ତୁମକୁ ଅନ୍ତରେ ଆଉ ବାହାରେ ॥
ତୁମ ଭାବନାରେ ବିତିଯାଏ ଦିନ ଲୁହରେ ଭିଜୁଛି ରାତି
ଯେଉଁ ରାତି ଥିଲା କୋଟି କଳ୍ପନାର ଜହ୍ନ ଜୋଛନାର ଗୀତି ॥

ତୁମ ପାଇଁ ଏଇ ଜୀବନ ତ ଥିଲା ବିଳାସିତ ବେଳାଭୂମି
ସପନ ଲହରୀ ନାଚି ନାଚି ଆସି ଧୀରେ ଯାଉଥିଲା ଚୁମି ॥
ତୁମରି ମାୟାରୁ ମୁକୁଳି ପାରିନି କାଟି ଦେଇଛ ବନ୍ଧନୀ
ପ୍ରତି ମୂହୁର୍ତ୍ତରେ ତୁମ ପ୍ରେମ ମତେ କରିଛି ଶବ୍ଦ ସନ୍ଧାନୀ ॥

ଏକାକୀ ନିରବେ ନିଶବ୍ଦେ କେତେ ଯେ, ଭାବନାରେ ଭିଜି ଭିଜି
କଲମ ମୁନରେ ଶବ୍ଦର ଶିଳାରେ କୋଣାର୍କ ତୋଳୁଛି ଆଜି ॥
ଛନ୍ଦମୟ ସୂକ୍ଷ୍ମ ପ୍ରୀତି ପଦାବଳୀ ଶିଳାପଦ୍ମରେ ଖଚିତ
ଲଳିତ ଲାବଣ୍ୟ ଶବ୍ଦ ବିନ୍ୟାସରେ ପ୍ରେମ ପ୍ରଣୟ ବିମ୍ବିତ ॥

ଚିତ୍ରିତ କରୁଛି କାବ୍ୟ କବିତାର କମନୀୟ ରୂପ କଳ୍ପ
ତୁମ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମୋର ଏଇ ଶବ୍ଦ ଶିଳ୍ପ ॥❒❒❒

ସଂପାଦିକା,ବର୍ଣ୍ଣାଳୀ ସାହିତ୍ୟ ସଂସଦ,ତାଳଚେର
ମୋବାଇଲ୍ ନଂ-୯୩୩୭୯୭୨୭୪୯

ବନ୍ଧୁତା

ପୂଜାରାଣୀ ଚଣ୍ଡ

ସହଯାତ୍ରୀ ହୋଇ ଚାଲିବାର ନାମ ବନ୍ଧୁତା,
କରମର୍ଦ୍ଦନ କରି ଉଠାଇବା ନାମ ବନ୍ଧୁତା,
ପରାଜୟ ସୁନିଶ୍ଚିତ ଜାଣି ମଧ୍ୟ ଯିଏ ଅଟକିଯାଏ,
ଅନ୍ୟର ଅଶ୍ରୁକୁ ଯିଏ ହାସ୍ୟରେ ରୂପାନ୍ତରିତ କରେ,
ସେଇ ତ ବନ୍ଧୁତା ॥

ବନ୍ଧୁ ହାରିଗଲେ
ସଫଳତା ହିଁ ସବୁବେଳେ ଶ୍ରେଷ୍ଠ ନୁହେଁ,
ସହୋଦର ସମ ବନ୍ଧୁର ଆଖିରେ
ତୃପ୍ତି ଦେଖିବା ହିଁ ପ୍ରକୃତ ବିଜୟ ॥

ବିପତ୍ତି କାଳେ ଆଶ୍ରୟ ହୋଇ ଯିଏ କାନ୍ଧ ବଢ଼ାଏ,
ସେଇ ତ ପ୍ରକୃତ ବନ୍ଧୁ,
ଯିଏ ଘୋର ତିମିର ମଧ୍ୟରେ
ଆଲୋକର ବର୍ତ୍ତିକା ସାଜେ, ସେହି ପ୍ରକୃତ ବନ୍ଧୁ ॥

ନା ଅଛି ସେଠି ସ୍ୱାର୍ଥର ସଂକୀର୍ଣ୍ଣତା,
ନା ଅଛି ପ୍ରତ୍ୟାଶା,
ନିରବତାର ଶବ୍ଦକୁ ଯେଉଁଠି ବୁଝିହୁଏ,
ତାହା ହିଁ ଶାଶ୍ୱତ ବନ୍ଧୁତା ॥

ସେ ସେତୁ କେବେ ଭାଙ୍ଗେନାହିଁ,
ଝଡ଼ ଆସୁ କି ଆସୁ ବନ୍ୟାର ପ୍ରଖର ସ୍ରୋତ,
ଭରସାର ଇଟାରେ ତିଆରି ସେହି ସେତୁ
ପାର୍ କରିଦିଏ ଜୀବନର ସବୁଠାରୁ ବଡ଼ ବିପଦ ॥

ସେଇଠି ଦୁଃଖ ହାଲୁକା ହୋଇଯାଏ,
ଯେଉଁଠି ପରସ୍ପରର ଦୋଷ-ଗୁଣକୁ
ଆପଣେଇ ନିଆଯାଏ,
ଦୁନିଆର ସବୁ ସମ୍ପର୍କ ମଉଳି ପାରେ
ହେଲେ ହୃଦୟରୁ ଗଢ଼ା ସେହି ସେତୁ
କେବେ ମାଟିହାଣ୍ଡି ପରି ଭାଙ୍ଗି ନଥାଏ ॥

ଜୀବନର ପଥରେ ଅସଂଖ୍ୟ ବାଧାବିଘ୍ନ ଆସିପାରେ,
ମାତ୍ର ସେପରି ସୁହୃଦ ପାଖେ ଥିଲେ,
ସବୁ ଦୁଃଖର ଭାର ଲାଘବ ହୋଇଯାଏ
ଅବ୍ୟକ୍ତ ଭାବକୁ ଯେଉଁଠି ସହଜରେ ପଢ଼ି ହୁଏ,
ପରସ୍ପରର ଜୀବନ ଦୀପକୁ
ଯେଉଁଠି ସୁରକ୍ଷା ଦିଆଯାଏ,
ଏବଂ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ
ଯେଉଁ କାନ୍ଧ ସାହାରା ହୋଇ ରହିଥାଏ,
ତାହା ହିଁ ତ ମହାନ ବନ୍ଧୁତା ॥

ସାନ୍ନିଧ୍ୟ ନ ଥିଲେ ମଧ୍ୟ
ଯାହାର ସ୍ମୃତି ମନରେ ସାହସ ସଞ୍ଚାର କରେ,
ଯେଉଁଠି ପାଦ ଅବଶ ହେଲେ
ବିଶ୍ୱାସ ପାଲଟିଯାଏ ଅନ୍ୟ ଏକ ପଦକ୍ଷେପ,
ଆୟୁଷର ଶେଷ ପ୍ରହର ଯାଏଁ ରହିଥାଏ ଯାହାର ପ୍ରଭାବ,
ସେହି ଅତୁଟ ବନ୍ଧନ ହିଁ ଶକ୍ତି,
ସେଇ ତ ପରମ ବିଶ୍ୱାସ ॥ ❑❑❑

ଜିଲ୍ଲା - ଗଞ୍ଜାମ
ଯୋଗାଯୋଗ - ୯୬୯୨୫୪୯୨୬୪

ବନ୍ଦକର ମିଛ ପ୍ରହସନ

ସୁରଞ୍ଜନ ପାତ୍ର

ଆମେ କେବେ ଚାହିଁନାହୁଁ ରାଜେନ୍ଦ୍ରାସନ
ଖୋଜିନାହୁଁ
ନୀଳଜହ୍ନର ଛାଇତଳେ
ଫୁଲର ଗାଲିଚା
ଆମେ କେବେ ଲୋଡ଼ିନାହୁଁ
ତାରା ଭର୍ତ୍ତି ସୌଖିନ ଆମୋଦ।

ଆମେ କେବେ ଭାଙ୍ଗି ଦେଇନାହୁଁ
ତୁମ ଇଚ୍ଛାର କୃଷ୍ଣଚୂଡ଼ା ଡାଳ
କାଚଘର ଖୁସି
ଅଡ଼ି ବସିନାହୁଁ କେବେ
ତୁମ ସହରର ମର୍କ୍ୟୁରୀ ଆଲୁଅ
ସବର୍ଣ୍ଣ ରଙ୍ଗର ରାତ୍ରି।

କିନ୍ତୁ ଅମେ ଯାହା ଚାହିଁଲୁ
କୋଉଠି ପାଇଲୁ.. ?
ବରଂ ଘଉଡାଇ ଦେଲ ଆମକୁ
ଦୂରକୁ ଦୂରକୁ।

ତମେ ତ ମାନିନେଇଛ
କାଳ କାଳକୁ
ଅଛୁଆଁ ଅଛବ କୁଳରେ ଜନ୍ମ
ଆମ ପୂର୍ବ କର୍ମଫଳ
ତେଣୁକରି ଆମଠୁ ଘୁଞ୍ଚିଗଲ କୋସେ ଦୂର।

ହେ ମହାଭାଗ ମାନେ !
ବନ୍ଦ କର ତୁମର ଏ ମିଛ ପ୍ରହସନ
ଜାତି ଜନଜାତି ଉପଜାତି
ଉପାଖ୍ୟାନ ଲେଖି
ସୃଷ୍ଟି ଆଉ କରନାହିଁ
ବିଭେଦ ପ୍ରାଚୀର
ଅହଂକାରର ଆବରଣ ଖୋଲି ଦେଖ
ତୁମକୁ ଘେରିଛି ଯେଉଁ ବ୍ରହ୍ମାଣ୍ଡରକାୟା
ସେ ଭିତରେ ଆମେ ବି ବଞ୍ଚିଛୁ
ତୁମ ପାଦତଳେ ଅଛି ଯେଉଁ ମାଟିର ସ୍ୱର୍ଶ
ଆମେ ବି ତା' ଉପରେ ନିଜକୁ ଗଢ଼ିଛୁ ।।

ନିର୍ମମ ନୀତି ନିୟମର କାଠଗଡ଼ାରେ
ଜାଳି ଆଉ ଦିଅନାହିଁ ଆମ କୋମଳ କଳିଜା
ଧର୍ମଜାତି ଗୋତ୍ର ନାମେ ବନ୍ଦକର
ଅଛୁଆଁ ଅଛବର ବିଦ୍ରୋହ ତାଲିକା
ତୁମ ପରି ଆମ ଦେହେ ଅଛି ଶିରା ଓ ଧମନୀ
ତୁମ ପରି ଆମେ ବି ଦେଖୁଛୁ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ
ଜିଇଁବାର ସ୍ୱପ୍ନ ? ❑❑❑

ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର -୭୫୬୦୪୫

ନିସ୍ତେଜ ଆଖିର ନିରବତା

ଦୀପ୍ତି ରାଣୀ ସିଂହ

ବେକାରିଆ ଲୋକର
ହିମ୍ମତ କେତେ ଯେ,
ସେ ଚାହିଁ ପାରିବ କାହା ଆଖିକୁ
କହି ପାରିବ କାହାକୁ ପଦେ
ହେଉ ପଛେ କେତେ ସତ ।।

ବେଳ ବୁଡ଼ା ନଇତୁଠେ
ସଞ୍ଜ ଆସିଲେ ତାର ବା
କି ଯାଏ ଆସେ,
ବେପାରୁଆ ଖିଆଲି ପଣ
ତାକୁ କେବେଠୁ
ବୁଢ଼ା କରି ଦେଲାଣି
ଅନ୍ଧାରକୁ ଡର କାହିଁ ?

ଅନ୍ଧ ଗଳିରେ ଘର କରି
ଦର୍ପଣର ମୂଲ ପଚାରିବା
ଅବା ସୁନ୍ଦରୀ କନ୍ୟାର
ବେଶଭୂଷାରେ ମୋହିତ
ହେବାର ଭୟ ବି ନାହିଁ ।।

ପେଟ ଯାଇ ପିଠିରେ ଲାଗୁ
ନ ଖାଇ ଶୋଇଯିବାର ଅଭ୍ୟାସ
ଦେହ ସୁହା ହୋଇ ଯାଇଛି
ମଶା ମାଛି ତ ତା'ର
ସହଚର ବନ୍ଧୁ ।।

କାଲି ଅନ୍ଧାରରୁ ଧଡ଼ ପଡ଼
ଉଠି ନିତ୍ୟକର୍ମ ସାରି
ନିଜ କାମରେ ବାହାରିବା
ତା'ର ତ ଏକ ନିତ୍ୟ କର୍ମ ।
କିଏ ଉଠୁ କି ନ ଉଠୁ
କାଉ ରାବୁ କି ନ ରାବୁ
ଅଣ୍ଟା ଭିଡ଼ି ବାହାରିବାକୁ ହେବ
ମୁଣ୍ଡ ଉପରେ ଘର ଯାକର ବୋଝ
ପାଞ୍ଚ ପ୍ରାଣି ଚାହିଁ ରହିଛନ୍ତି
ତା'ର ଦୁଇ ପଇସାର କମାଣିକୁ ।।

ଦିନ ସାରା ଢୁ ଢୁ ଖରା
ଆଉ ବର୍ଷା
ପେଟରେ ଦାନା ଦେବାକୁ
ଅପେକ୍ଷା କରିଥିବେ
ଶୁଖିଲା ଆଖିରେ ।।

ହାତରେ କେଇଟା ଟଙ୍କା
ଧରି ମନ ଖୁସିରେ ଘର ମୁହାଁ
ସ୍ତ୍ରୀ ଲୋକଟା ଘରୁ ବାହାର
ଦଶଥର ହେବଣି ।।

ଏଣେ ପାଦ ଆଉ ଆଗକୁ ଯାଉନି
ମୁଣ୍ଡ ଝାଇଁ ଝାଇଁ ଦେହରେ
ବୈଶାଖୀ ତାତି ଝାଳ ସରସର
ଦେହ ହାତ ଅବଶ
ତଥାପି ତାକୁ ଜଲଦି
ଯିବାକୁ ହେବ ।।

ଭାବିଲା ଟିକେ ବୁଢ଼ା ବରଗଛ
ତଳେ ଗାମୁଛା ପାରି ବସି
ଥକାପଣ ଦୂର କରି ପୋଖରୀରୁ
ଆଞ୍ଜୁଳାଏ ପାଣି
ପିଇ ପୁଣି ଘରକୁ ଯିବ ।।

କିନ୍ତୁ କିଏ ଜାଣିଥିଲା
ଅନ୍ଧାର ତାକୁ ସବୁଦିନ ପାଇଁ
କବଳିତ କରିନେବ
ହାତ ଗୋଡ଼ ଥଣ୍ଡା
ଶୁଖିଲା ଆଖି ନିସ୍ତେଜ
ମୁହଁରେ ବିଷର୍ଣ୍ଣ ବଦନରେ
ଦରଫୁଟା ହସ
ସତେ ଯେମିତି ସବୁ ଦାୟିତ୍ୱରୁ
ମୁକ୍ତି ମିଳି ଯାଇଛି
ଶୂନ୍ୟକାଳରେ ମୁକ୍ତପକ୍ଷୀ
ଡେଣା ଝାଡ଼ି ଘୁରି ବୁଲୁଛି
ସଙ୍ଗୀତର ମଧୁର ମୂର୍ଚ୍ଛନାରେ ।।

ସମ୍ପାଦିକା
ନବୋଦୟ ସାହିତ୍ୟର ପରିଭାଷା
ପରିବାର, ତାଳଚେର, ଅନୁଗୋଳ

ଜୀବନର ଜମା ଭରସା ନାହିଁ

ସୁଶିଳ କୁମାର ପ୍ରଧାନ

କିସ ଆଣିଅଛୁ   କିସ ନେଇଯିବୁ
ଆରେ ବାଇମନ ତୁହି
ଯିବୁ କେତେବେଳେ   କହିକି ପାରିବୁ
ଜୀବନର ଜମା ଭରସା ନାହିଁ ॥

ଅଢେଇ ଦିନକୁ   ବଢେଇ କାହିଁକି
କରୁଅଛୁ ଧନ ବେଶୀ
କହ କିଏ କିଛି   ସାଥିରେ ନେଇଛି
ବିଦେଶୀ ହେଉ କି ଦେଶୀ ॥

ମାଲିକ ତ ଏକା   ଜଗିକି ବସିଛି
ଧରମ ନିକିତି ଧରି
ଲୁଚିକି ଭାବୁଛୁ   ସବୁ କରିଦେବୁ
କିଛି ପାରିବୁନି କରି ॥

ଗଲାବେଳେ ଖାଲି   ପୁଣ୍ୟ ତୋର ସାଥୀ
ଜାଣିଥାରେ ବାଇମନ
ସେଇଥି ପାଇଁ ତୁ   ଏବେଠୁ ତାହାକୁ
କରିଥାରେ ଗଣ୍ଠିଧନ ॥

ଏମିତି କରମ   କରିଥା ମନୁଆ
ଜୀବନ କାଳରେ ତୋର
ଶେଷ ଯାତ୍ରା ବେଳେ   ଆହା ଆହା ଶବ୍ଦ
ଶୁଭୁଥିବ ବାରମ୍ବାର ॥

ବିଭୂତି ଭୂଷଣ,   ରସାନନ୍ଦ ପୁଣି
ଶିକ୍ଷକ ଶତ୍ରୁଘ୍ନ ବାବୁ
କାଳର କରାଳ   ସ୍ରୋତେ ଭାସିଗଲେ
ଆଉ କାହାକୁ ଡାକିବୁ ॥
ତିନୋଟି ମଜବୁତ୍   ଖମ୍ବ ଥିଲେ ସିଏ
ସମ୍ବାଦ ସାହିତ୍ୟ ଘରର
ତାଙ୍କରି ବିୟୋଗେ   ଲାଗୁଛି ଯେମିତି
ସବୁକିଛି ଏଠି ଅସାର ॥

ସମ୍ବାଦ ସାହିତ୍ୟ   ଘରର ମୁରବୀ
ଆମେ ଦେଲୁ ହରାଇ
ସେଇଥି ପାଇଁ ତ   କହୁଛି ଜୀବନେ
ଜମା ତ ଭରସା ନାହିଁ ॥ ▢▢▢

ଶିକ୍ଷକ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ
ଯୋରାଗାଡ଼ିଆ, ତାଳଚେର
ଦୂରଭାଷ - ୮୩୨୮୮୯୩୨୨୦

ଶ୍ରେଷ୍ଠ କୌନ୍ତେୟ

ହରିହର ଭୂକ୍ତା

ହେ ଶ୍ରେଷ୍ଠ କୌନ୍ତେୟ ଆଗମନ ତବ
କୁହ କୁଶଳ ବାରତା
କେଉଁ ଅଭିପ୍ରାୟେ ନୟନରେ ଅଶ୍ରୁ
ମନରେ ବିଶାଦ ଭ୍ରାତା ॥
ପ୍ରାଚୀ ଭାଗେ ଭାନୁ ବିକ୍ଷିପ୍ତ ମୟୂଖ
ବହୁଛି ଶୀତଳ ବାଆ
ଚ୍ୟୁତ ବୃକ୍ଷ ଡାଳେ ପକ୍ଷୀର କାକଳି
ଧିରେ ଶୁଭୁଅଛି ଆହା ॥
ମୁଖରେ ବିଶାଦ ମଳିନ ବଦନ
କିମ୍ବା ଆହେ ଦାନୀ କର୍ଣ୍ଣ
କିମ୍ବାଇ ଅଇଲ ମୋହର ସଦନେ
କିମ୍ବା ହେଲା ଆଗମନ ॥
ଅତି ଧିର ଚିତ୍ତେ ସୁମଧୁର ବାଣୀ
କହେ ଅଙ୍ଗ ନୃପମଣି
ଗତକାଲି କଥା ନିମନ୍ତେ ହେ କୃଷ୍ଣ
ଆସିଅଛି ଧାଇଁ ପୁଣି ॥
ଦେଖିଛି ନୟନେ ତୁମ ବିଶ୍ୱରୂପ
କୁରୁ ସଭାସ୍ଥଳେ କୃଷ୍ଣ
ମହାମାନି ମାନ ଭାଙ୍ଗି ଚୁର୍‌ମାର
ଶାନ୍ତ ଯେହେଁ ଶମସାନ ॥
ଏତେ ଅପମାନେ ଆହେ କୃପାସିନ୍ଧୁ
କିପରି ଧରିଲ ଧୈର୍ଯ୍ୟ
ସେ ନିମନ୍ତେ ପ୍ରଭୁ କ୍ଷମା ମାଗିବାକୁ
ନୁହଁ ମନ ଅନ୍ୟ କାର୍ଯ୍ୟ ॥
ଶାନ୍ତି ପ୍ରସ୍ତାବର ବାହକ ସାଜିଣ
ଆଗମନ ମୋର କର୍ଣ୍ଣ
ଶାନ୍ତି ପ୍ରସ୍ତାବକୁ ଅମାନ୍ୟ କରିଲା
ମହାମାନି ଦୁର୍ଯ୍ୟୋଧନ ॥

ମାଗି ନଥିଲି ମୁଁ ରାଜ୍ୟ ରାଜପାଟ
ମାଗିଲି ପାଞ୍ଚଟି ଗାଆଁ
ମହାମାନି କହେ ସୁଚି ଅଗ ସମ
ମାଟି ଦେବି ମୁହିଁ କିଆଁ ?
କିଏ ବୁଝେଇବ ଗାନ୍ଧାରୀ ନନ୍ଦନେ
ସ୍ୱୟଂ ସହ ବଂଶ ଶେଷ
ଏବେ ବୁଝିଗଲି ନିଶ୍ଚୟ ହୋଇବ
ଭବିଷ୍ୟତ ତାର ଧ୍ୱଂସ ॥
ଚାଲ ମୋ ସହିତେ ହସ୍ତିନା ସୀମାନ୍ତେ
ଆହେ ଶ୍ରେଷ୍ଠ ଦାନବୀର
ଗୋଟିଏ ରଥରେ ଦୁହେଁ ଅଗ୍ରସର
କୃଷ୍ଣ କହୁଛନ୍ତି ଧିର ॥
କେବଳ ସମର ବିକଳ୍ପ ଗୋଟିଏ
ଶୋଣିତ ବହିବ ଧାର
ଚାରି ଦିଗେ ଅଶ୍ୱ ଧନୁ ବାଣ ଶବ୍ଦ
ଶୁଭିବ କ୍ରନ୍ଦନ ସ୍ୱର ॥
କେବଳ ଚାହିଁଲେ ତୁମେ ଅଙ୍ଗରାଜ
ସମରେ ହେବ ବିରାମ
କ୍ଷତ୍ରିୟ ସମୁହ ସର୍ବେ ବଞ୍ଚିଯିବେ
ହା ହା କାର ଧରାଧାମ ॥
ତୁମ ବାହୁ ବଳେ ଦୁର୍ଯୋଧନ ରାଜା
ତୁମେ ତ୍ୟାଗ କର ହସ୍ତ
ତୁମେ ପରା ପାଣ୍ଡବଙ୍କ ଜ୍ୟୋଷ୍ଠଭ୍ରାତା
ତୁମେ ପରା କୁନ୍ତି ପୁତ୍ର ॥
ଭୀମସେନ ଦେବେ ପାଦୁକା ପିନ୍ଧାଇ
ଧର୍ମ ଆଲଟ ଚାମର
ଫାଲଗୁନି ତୁମର ରକ୍ଷକ ସାଜିବେ
ନକୁଳ ଦେବ ଅନୁଚର ॥

କହୁଛନ୍ତି କର୍ଣ୍ଣ ଶୁଣ ଦେବହରି
ଯାଜ୍ଞସେନୀ ସ୍ୱୟଂମ୍ବରେ
ସୁତପୁତ୍ର କହି ଅଟ୍ଟହାସ୍ୟ କଲେ
ଦୂର୍ଯୋଧନ ହାତ ଧରେ ॥
ରକ୍ତ ବିନ୍ଦୁ ମୋର କରଜର ଭାର
ଶିରା ପ୍ରଶିରାରେ ଦେବ
ତ୍ୟାଗ ହେବ ନାହିଁ ଦୂର୍ଯୋଧନ ସାଥ
ହେବି ମୁଁ ପଛେ ନିହତ ॥
ସେହି କଥା ଏବେ ଦେଉଅଛି ପ୍ରଭୁ
ଯେଉଁ କଥା ଦେଲି ମାତେ
ସବ୍ୟସାଚୀ ବିନା ଅନ୍ୟ ଭ୍ରାତା ସହ
ଯୁଦ୍ଧ ନ କରିବି ସତେ ॥
ମହାଭାରତର ମହା ସମରରେ
ଲେଖା ହେବ ଇତିହାସ
କର୍ଣ୍ଣ ମଲେ ପାଞ୍ଚ ପାର୍ଥ ମଲେ ପାଞ୍ଚ
ଶୁଣ ହେ ଜଗତ ଈଶ ॥❑❑❑

ରାକସ,ତାଳଚେର

ମାଆ କୋଳ

ନକୁଳ ଚରଣ ପୃଷ୍ଟି

ମାଆ କୋଳ ମୋର ଅଭୟର ସ୍ଥାନ
ବାଇଶି ପାହାଚ ସମାନ
ତା କୋଳେ ଶୋଇଲେ ହରି ଯାଏ ଶ୍ରମ
ଲାଗଇ ଚନ୍ଦନ ଚନ୍ଦନ ॥
ସେହିଥିରେ ମିଳେ ମହା ତୃପ୍ତି ଏକା
ସବୁ ଦୁଃଖ ହୁଏ ମୋଚନ
ମାଆର ସେନେହ ମମତା ଡୋରିରେ
ବନ୍ଧା ପରା ଏଇ ଜୀବନ ॥
ମାଆ ନାମେ ଅଛି କି ମଧୁର ଆହା
ଗୁଞ୍ଜନର ସୂର ଭରି
ମାଆ ମାଆ ବୋଲି ଡାକି ଦେଲେ ଥରେ
ଝରେ ଅମୃତର ବାରି ॥
ମାଆ ସ୍ନେହମୟୀ ମମତାମୟୀ ସେ
ସନ୍ତାନ ବତ୍ସଳା ଜନନୀ
ଆବେଗର ଭରା ଧାରାଟିଏ ଏକ
ବହୁଅଛି ହୋଇ କାଳଜୟୀ ॥
ସୁଖର ଦୁଃଖର ହୋଇ ସହଚର
ଅନ୍ଧାରେ ଆଲୁଅ ଦିଏ ଆଣି
ନିଜେ ଜଳି ଜଳି ସଳିତାଟି ସାଜେ
ଯାତନା ଦୁଃଖକୁ ସହି ପୁଣି ॥
ତା ପାଶରେ ବନ୍ଧା ଏଇ ମୋ ଜୀବନ
ଜନମ ଜନମ ପାଇଁ
ମମତାମୟୀ ସେ ସ୍ନେହମୟୀ ମାଆ
ତାଆ ପରି କିଏ ଅବା କାହିଁ !
ମାଆ କୋଳ ମୋର ସଦା ନିରିମଳ
ଗଙ୍ଗାଠୁଁ ପବିତ୍ର ଆହୁରି
ଯେଉଁଥିରେ ବହେ ମଳୟର ଗନ୍ଧ
ମହ ମହ ବାସ ଭରି ॥
ସିଏ ଯଦି କେବେ କାନ୍ଦି ଦିଏ ଥରେ
ଆଖିରୁ ଲୋତକ ଗଡ଼େଇ
ଅଦିନିଆ ମେଘ ବରଷାର ପରି
ଦେହ ମୋର ଉଠେ ଶୀତେଇ ॥

ଦେକୁରୀ,ବେଣୀପୁଳ,
ବଡଚଣା,ଯାଜପୁର,
ମୋବାଇଲ୍ ନଂ-୯୪୩୯୮୮୬୬୪୧



ବାବା ତୁମେ ଆଜି ବି ହାରିନ

ସ୍ମିତିପ୍ରଜ୍ଞା ସ୍ୱାଇଁ

ନିଜ ମୁଣ୍ଡଝାଳ ଆଉ ରକ୍ତର ଲାଲ ରଙ୍ଗ ମିଶେଇ,
ତିଆରି ହେଇଥିବା
ଗଅଣ୍ଠ ତାଟିଆ ନାଲି ଚା' ସହ
କେଇ ପଟ ଶୁଖିଲା ରୁଟି ହେଉଛି ତାଙ୍କ ଖାଇବା ;
ଆଉ ଖାଇ
ନିଜ ଛୁଆଙ୍କୁ ନଅ ତୁଣ, ଛ' ଭଜା ଖୁଆଉଥିବା
ଲୋକଟିର ନାଁ 'ବାବ'॥

ସୂର୍ଯ୍ୟ ସହ ନିତି ଲୁଚକାଳି ଖେଳି
ନିଇତି ସୂର୍ଯ୍ୟ ବି ଲୁଚକାଳି ଖେଳରେ ତାଙ୍କଠୁ ହାରି
ହୋଇଯାଏ କାବା,
ସବୁଦିନ ଲୁଚକାଳି ଖେଳରେ ସୂର୍ଯ୍ୟଙ୍କୁ ହରାଇ ଦେଉଥିବା
ସେଇ ଲୋକଟିର ନାଁ 'ବାବା' ॥

ମୁଁ କେବେ ପଚାରେନି ତାଙ୍କୁ
'ବାବା ! ତୁମ ଦରମା କେତେ ?'
କାରଣ, ମୁଁ ଜାଣିଛି
ତାଙ୍କ ହୃଦୟଟା ବଡ଼
ଆକାଶର କ୍ଷେତ୍ରଫଳ ଯେତେ ॥

ଭୁଲ କଲେ ସେ ଶାସନ କରନ୍ତି
ହେଲେ, ମନୁ କରି ଦିଅନ୍ତି ସେ କ୍ଷମା,
କାରଣ, ମୁଁ ଜାଣେ ମହାକାଶ ଠୁ ବି ବଡ଼ ଅଟେ
ତାଙ୍କ ମନର ପରିସୀମା ॥

କେଉଁ ବିପଦ ବି ତାଙ୍କୁ ଅଟକାଇ ନାହିଁ
ସାଜି ତାଙ୍କ ପଥେ ବାଧା,
ଅଭିମନ୍ୟୁ ପରି ସେ ଏକା ଲଢ଼ିବା ଜାଣନ୍ତି
ସେ ଜୀବନ ଯୁଦ୍ଧର ଜଣେ ଯୋଦ୍ଧା ॥

ଦୁନିଆ ଆଗରେ ନିଦା ପଥର ଭଳି ଟାଣ ସାଜି
ତୁମେ ! ଏ ଜୀବନ ଯୁଦ୍ଧରେ କେବେ ପଛକୁ ଫେରିନ,
ତୁମ ପେଟତଳେ ଆମକୁ ବଞ୍ଚେଇ ରଖିଛ
ବାବା ! ତୁମେ ଆଜି ବି ହାରିନ ॥ ❒❒❒

ଜିଲ୍ଲା : କଟକ
ଯୋଗାଯୋଗ: ୭୭୩୫୭୬୩୦୫୪

ମାନବିକତା

ସୁବ୍ରତ ମଲିକ

ମାନବ ପଣିଆ ଉତ୍ତମ ଧରମ,
ନୁହଁଇ କାହାର ପୂଜା
ହୃଦୟେ ଯାହାର କରୁଣା ବହଇ,
ସେ ହିଁ ଦେବତା ରଜା ॥
ଜାତି ଅଜାତିର ଭେଦଭାବ ଭୁଲି,
ବାନ୍ଧିକି ସେନେହ ଡୋରି
ଆନର ସେବାରେ ଜୀବନ ବିତାଏ,
ନିଜର ସ୍ୱାର୍ଥକୁ ଭୁଲି ॥
ତା'ଠାରୁ ଆଉ କେ ବଡ଼,
ଏଭଳି ମଣିଷ ହଜାରେ ମିଳିଲେ
କି ଲୋଡ଼ା ସରଗପୁର ॥

ସଭିଙ୍କ ଦେହରେ ଦେଖେ ଏକ ରକ୍ତ,
ଦେଖେ ନାହିଁ ଭିନ୍ନ ରଙ୍ଗ
ପରର ଦୁଃଖରେ ଆଖି ତା ଭିଜଇ,
ଥରଇ ପ୍ରତିଟି ଅଙ୍ଗ ॥
ଅନ୍ଧାର ବାଟରେ ଆଲୁଅ ସାଜଇ,
ଦେଖାଏ ନବୀନ ରାହା
ଅସହାୟ ପାଶେ ଛିଡ଼ା ହୋଇ କହେ,
ମୁଁ ଅଛି ତୁମ ସାହା ॥
ତା'ଠାରୁ ଆଉ କେ ବଡ଼,
ଏଭଳି ମଣିଷ ହଜାରେ ମିଳିଲେ
କି ଲୋଡ଼ା ସରଗପୁର ॥

ହିଂସା ବିଦ୍ୱେଷର ନିଆଁକୁ ଲିଭାଇ,
ଗଢ଼ଇ ଶାନ୍ତିର ଘର
ସଭିଙ୍କୁ ନିଜର ବିଚାର କରଇ,
ଭାବେନି କାହାକୁ ପର ॥
ହସିହସି ସବୁ ସହିଯାଏ ହେଲେ,
କରେନି କା' ସାଥେ କଳି
ଜନ୍ମଭୂମି ଧୂଳି ଚନ୍ଦନ ମଣିକି,
ମୁଣ୍ଡରେ ହୁଅଇ ବୋଳି ॥
ତା'ଠାରୁ ଆଉ କେ ବଡ଼,
ଏଭଳି ମଣିଷ ହଜାରେ ମିଳିଲେ
କି ଲୋଡ଼ା ସରଗପୁର ॥

□□□

ଭଦ୍ରକ

ସଙ୍ଘର୍ଷ ପରେ ବିଜୟ

ମୋହନ କୁମାର ଷଡ଼ଙ୍ଗୀ

ଜୀବନ ପଥରେ
ବାଧାବିଘ୍ନ ଆସେ ନିତ୍ୟ,
କେବେ ଆଶା ଭାଙ୍ଗେ,
କେବେ ସ୍ୱପ୍ନ ଭାଙ୍ଗି ଲାଗଇ ଅଥୟ ॥

ତଥାପି ମଣିଷ
ନିଜ ପଥ ଛାଡ଼େ ନାହିଁ,
ଲକ୍ଷ୍ୟକୁ ଦେଖି
ଆଗକୁ ବଢ଼ି ଚାଲେ ନିର୍ଭୟ ॥

ପକ୍ଷୀଟିଏ ପରି,
ପ୍ରଳୟରେ ଭାଙ୍ଗିଯାଏ ବସା,
ଚକ୍ଷୁରେ ଲୁହ,
ହୃଦୟରେ ଯନ୍ତ୍ରଣା ଓ ଭୟ ॥

କିନ୍ତୁ ସେ ଥକେ ନାହିଁ,
ନୂଆ ଆଶାରେ
ପୁଣି ଗଢ଼େ ନୂଆ ବସା,
ଦୁଃଖକୁ ଭୁଲି ଲକ୍ଷ୍ୟକୁ ବଢ଼େ ନିଶ୍ଚୟ ॥

ଏହା ହେଉଛି ଜୀବନର ସତ୍ୟ
ସଂଘର୍ଷ ପରେ
ଅବିଶ୍ରାନ୍ତ କର୍ମ ପରେ
ନିଶ୍ଚିତ ଆସେ ବିଜୟ ॥

ଇଶ୍ୱରଙ୍କ ଉପରେ ଭରସା ରଖି,
ନିଜ କର୍ମରେ ଦୃଢ଼ ହୋଇ,
ମଣିଷ ଯଦି ଆଗକୁ ବଢ଼େ,
ସଫଳତା ନିଶ୍ଚିତ
ହେବ ବିଶ୍ୱାସର ଜୟ ॥ □□□

ଫଟାମୁଣ୍ଡା
ମୋବାଇଲ୍ ନଂ-୯୯୩୮୫୪୪୯୮୫

□□□

ହେ ବୀର ପୁଙ୍ଗବ

ପତିତପାବନ ପ୍ରଧାନ

ଅପେରା ରାଇଜ ସେ ଦିଗର ଯାତ୍ରୀ
ଦେଖାକି ଆଉ ମିଳିବ
ଯେତେ ଚାହିଁଲେ ବି ତୁମରି ସାନ୍ନିଧ୍ୟ
ଲଭିବା ଆଉ କି ହେବ ॥

ଜନମ ଲଭିଲେ ଏ ଧରା ଧାମରେ
ମରଣ ନିଶ୍ଚିତ ଥାଇ
ଦେବତା ହୁଅନ୍ତୁ ଅବା କେହୁ ପ୍ରାଣୀ
ତ୍ରାହି ନ ପାଆନ୍ତି କେହି ॥

ତୁମରି ନିଧନେ ଆମେ ମର୍ମାହତ
ଆମେ ସବୁ ହତବାକ
ତୁମରି ସ୍ମରଣେ ଢାଳୁଛୁ ପ୍ରଣତି
ଘେନା କର ଆମ ଡାକ ॥

ଉଜ୍ଜ୍ୱଳ ଜ୍ୟୋତିଷ୍କ ହେ ବୀର ପୁଙ୍ଗବ
ସମ୍ବାଦ ସାହିତ୍ୟ ଘର
ସେ ସ୍ଥାନଟି ଆଜି ଶୂନ୍ୟ ପଡିଗଲା
ଆମକୁ କରିଲ ପର ॥

କର୍ମମୟ ଜୀବନର ସାୟାହ୍ନରେ
ଥିଲ ଯେ କର୍ମ ଚଞ୍ଚଳ
ନିରଳସ ଭାବ ଦେଖାଇ ସଭିଙ୍କୁ
କର୍ମେ କରୁଥିଲ ଭୋଳ ॥

ଛାତ୍ର ବସ୍ତଳତା ପୁଣି ଆମାୟିକ
ସମସ୍ତଙ୍କ ପ୍ରିୟ ହୋଇ
ଶିକ୍ଷକ ଜୀବନ କାଟିଛ ସେହାର୍ଦେ
ଗଲ ହେ ତାରକା ହୋଇ ॥

ସମ୍ବାଦ ସାହିତ୍ୟ ଘର ଆକାଶର
ଜୋଜ୍ୱଲ୍ୟମାନ ନକ୍ଷତ୍ର
ନିଷ୍ପ୍ରଭ ନ ହୋଇ ଚମକିବ ସଦା
ପୂଜିତ ରହି ସର୍ବତ୍ର ॥

କରୁଣାର ଦୃଷ୍ଟି ରଖିଥାଅ ସଦା
ସାହିତ୍ୟ ଘର ଉପରେ
ଆଗକୁ ଆଗକୁ ଉନ୍ନତିର ପଥ
ପାଇବୁ ଟି ନିର୍ବିଘ୍ନରେ ॥

□□□

ସାଉଥବଲଣ୍ଡା, ତାଳଚେର

ବରଜ ମୋହନ କି ଫକୀର ମୋହନ ସେ ?

ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ

(୧)
ମଲ୍ଲିକାଶପୁରେ
ମଲ୍ଲ ବଅଁଶରେ
ଜନମ ଦେଇ ଏକ ରତନ,
ଜନମଦାୟିନୀ ଯେ
ନୟନ ବୁଜିଦେଲା
କେ ନେବ ଧନଟିର ଯତନ ?

(୨)
ପିଅର ତା ଆଗରୁ
ପୁରୀରୁ ଫେରୁ ଫେରୁ
ନୟନ ବୁଜିଥିଲେ ପଥରେ !
କଅଣ ହେଲା ଆହା
କଅଣ ହେଲା ଏବେ ସତରେ !

(୩)
କୋଚିଲା ଦେଇ ଥିଲା
ପିଲାର ଜେଜିମାଆ
ବିକଳେ ଚାହିଁ ଦେଇ ନାତିରେ
ସରଗ ବୋଲିଦେଲା,
ସରାଗେ ତୋଳିନେଲା
କୋଳରେ, କାଖରେ ଓ ଛାତିରେ ॥

(୪)
ଘରରେ ଯେତେବେଳେ
ପିଲାର ନାଆଁ ଦେଲେ
ବଢ଼ିଆ ନାଆଁ 'ବ୍ରଜମୋହନ',
ସେ ତାକୁ ପାଳୁଥିଲା,
ତା ଲାଗି ଭାଳୁଥିଲା
ବୁଝିଲା ତା'ର ସେଇ ଜୀବନ ?

(୫)
ତା' ଶୁଭ ମଙ୍ଗଳ
ମନାସୁଥିଲ ସଦା
ତାହାକୁ ପୀରଠେଇଁ ବକିଲା,
ଫକୀର କରିଦେଇ
"ବରଜ" ବଦଳରେ
"ଫକୀର" ନାଆଁ ତା'ର ରଖିଲା ॥

(୬)
ବରଜ ମୋହନ କି ?
ଫକୀର ମୋହନ ସେ'
ଆମର ଏ ଓଡ଼ିଶା ରାଇଜେ,
କେତେ ଯେ ଗଡ଼ଜାତେ
ଦିଆନ ଚାକିରୀରେ
ମାନିତ ହେଲା କେବେ କାହିଁ ଯେ ।

(୭)
ଲକ୍ଷ୍ମୀ ଶିରୀ ପାଇ
ବଭୋର ହେଲା ନାହିଁ
ବାଣୀର ପୂଜା ସିଏ କରିଲା
ଉପନ୍ୟାସ, କଥା
ଗଳପ, ଗୀତ ଗାଥା
କବିତା ଆମ ଦେଶେ ବରିଲା !

(୮)
ଭୂଲିବ କିଏ ତା'ର ?
ରଚନା ସମ୍ଭାର
ଚମ୍ପା, ସାରିଆ ଓ ଭଗିଆ ।
ଛମାଣ ଆଠଗୁଣ୍ଠ,
ପ୍ରାୟଶ୍ଚିତ, ମାମୁଁ
ଲଛମା ସବୁ କେଡ଼େ ବଢ଼ିଆ ! □□□

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ ବିଭୂତି ଭୂଷଣ ସାହୁ
ତିରୋଧାନ - ତା.୦୨.୦୮.୨୦୨୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

√ଶତ୍ରୁଘ୍ନ ବେହେରା

ତିରୋଧାନ - ୦୪.୦୧.୨୦୨୫

ସମ୍ବାଦ ସାହିତ୍ୟ ଘର, ସାଉଥବଲଣ୍ଡାର ଖବର

ସାହିତ୍ୟ ଘରର ନୂତନ ପରିଚାଳନା ସମିତି

ତାଳଚେର,୨୩।୧୨/ଏନ୍ଏନ୍ଏସ୍: ତାଳଚେର ବ୍ଲକସ୍ଥିତ ସାଉଥବଲଣ୍ଡା ସାହିତ୍ୟ ଘର ଶାଖା ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ତ୍ରିନାଥ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ଶ୍ରୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସଭାପତି ଗବେଷକ ବିଭୂତି ଭୂଷଣ ସାହୁଙ୍କର ଅକାଳ ବିୟୋଗ ହେତୁ ସାହିତ୍ୟ ଘରର ସମସ୍ତ କାର୍ଯ୍ୟକ୍ରମ ସଠିକ ଭାବରେ ହୋଇପାରୁନାହିଁ । ତେଣୁ ଏହି ଅବସରରେ ଅନୁଷ୍ଠାନର ନୂତନ ପରିଚାଳନା ସମିତି ଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ସାହିତ୍ୟଘରର ବରିଷ୍ଠ ସଦସ୍ୟ ତ୍ରୈତାନନ୍ଦ ସାମନ୍ତ ପର୍ଯ୍ୟବେକ୍ଷକ ଭାବରେ ଦାୟିତ୍ୱ ତୁଲାଇଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବରେ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ, ଉପସଭାପତି ଭାବରେ କବି ସୁଶୀଲ କୁମାର ପ୍ରଧାନ, ସମ୍ପାଦକ ଭାବେ କବି ତ୍ରିନାଥ ସାହୁ, ସାଙ୍ଗଠନିକ ସଂପାଦକ ଭାବରେ ପତିତପାବନ ପ୍ରଧାନ, ଯୁଗ୍ମ ସଂପାଦକ ହରିହର ଭୂକ୍ତା, କୋଷାଧ୍ୟକ୍ଷ ଅରୁଣ ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ରଙ୍ଗାଧର ନାୟକ, ଅରୁଣ ଗଡ଼ନାୟକ, ତ୍ରୈତାନନ୍ଦ ସାମନ୍ତ, ଅଜୟ କୁମାର ଶତପଥୀ, କ୍ଷୀରୋଦ ସାହୁ, ହାଡ଼ିବନ୍ଧୁ ପ୍ରଧାନ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସମୀକ୍ଷକ ଭାବରେ ଡ.ଦୀପକ କୁମାର ପ୍ରଧାନ ଓ ସାହିତ୍ୟ ଘରର ସଂଯୋଜକ ଭାବରେ ସମ୍ବାଦ ତାଳଚେର ବ୍ଲକ ପ୍ରତିନିଧି ବିକାଶ ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଅର୍ପଣ ଓ ଉପଦେଷ୍ଟା ଭାବରେ ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, କବୟିତ୍ରୀ ଅନୀତା ପାଣି, ଦିଗାମ୍ବର ଗଡ଼ନାୟକ ଓ ଇଂ.ନିରଞ୍ଜନ ଜେନା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ହରିହର ଭୂକ୍ତା, ସୁଶୀଲ କୁମାର ପ୍ରଧାନ, ପତିତପାବନ ପ୍ରଧାନ ଓ ତ୍ରିନାଥ ସାହୁ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ। ବସନ୍ତ କୁମାର ନାୟକ, ସାହିତ୍ୟ ଘରର ସଦସ୍ୟ ଦୟାନିଧି ସାହୁ, କୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶିକ୍ଷାବିତ୍‌ଙ୍କ ବିୟୋଗରେ ସାହିତ୍ୟଘରର ଶୋକସଭା

ଗୋପାଳପ୍ରସାଦ, ୭।୧ (ଇମିସ): ତାଳଚେର ବ୍ଲକ୍ ସାଉଥ ବଲଣ୍ଡା ସମ୍ବାଦ ସାହିତ୍ୟ ଘରର ଉପଦେଷ୍ଟା ଶିକ୍ଷାବିତ୍ ଶତ୍ରୁଘ୍ନ ବେହେରା(୭୩)ଙ୍କ ବିୟୋଗରେ ଗୋବରା ନୋଡାଲ ହାଇସ୍କୁଲ୍ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ ସାହିତ୍ୟ ଘରର ସଭାପତି ବିଭୂତି ଭୂଷଣ ସ୍ୱାଇଁ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋକସଭାରେ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ, କବି ମୁକୁନ୍ଦ ଚନ୍ଦ୍ର ସାମଲ ଓ ଗିରୀଶ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱର୍ଗତଙ୍କ ପ୍ରତି ଶୋକ ପ୍ରକାଶ କରିବା ସହ ତାଙ୍କ ବିୟୋଗ ସାଉଥ ବଲଣ୍ଡା ସମ୍ବାଦ ସାହିତ୍ୟ ଘର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସମ୍ପାଦକ ତ୍ରିନାଥ ସାହୁ, ଉପସଭାପତି ସୁଶୀଲ କୁମାର ପ୍ରଧାନ, ସଂଗଠନ ସଂପାଦକ ପତିତପାବନ ପ୍ରଧାନ, ଯୁଗ୍ମ ସଂପାଦକ ହରିହର ଭୂକ୍ତା ପ୍ରମୁଖ ସ୍ୱର୍ଗତ ଶ୍ରୀ ବେହେରାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ। କୋଷାଧ୍ୟକ୍ଷ ଅରୁଣ କୁମାର ରାଉତ, ପଞ୍ଚାନନ ବେହେରା, ଭଗବାନ ବେହେରା, ଭକ୍ତ ଚରଣ ସାହୁ, ଅଶୋକ କୁମାର ବେହେରା ଓ କବି ଉପସ୍ଥିତ ଥିଲେ।

ANGUL Edition
Page No.6 January 08, 2026

ତ୍ରୈମାସିକ ଶିଶୁ କିଶୋର ପତ୍ରିକା

ଆମ କୁନାକୁନି



ନିଜେ ପଢ଼ନ୍ତୁ....ନିଜ ପିଲାମାନଙ୍କୁ
ମଧ୍ୟ ପଢ଼ିବାକୁ ଉତ୍ସାହିତ କରନ୍ତୁ ।

ତ୍ରୈମାସିକ ଶିଶୁ କିଶୋର ପତ୍ରିକା

ଆମ କୁନାକୁନି

ଯୋଗାଯୋଗ:- ବିଭୂତି ଭୂଷଣ ସ୍ୱାଇଁ, ସଂପାଦକ, ଆମ କୁନାକୁନି, ମାର୍ଫତ- ମା' ହିଙ୍ଗୁଳା ପାଠାଗାର, ସାଁ-ମର୍ଝିକା, ପୋ-କଳମଛୁଇଁ, ଭାୟା- ଗୋପାଳପ୍ରସାଦ, ଜିଲ୍ଲା- ଅନୁଗୋଳ, ପିନ୍- ୭୫୯୧୫୦, ମୋବାଇଲ୍ ନଂ- ୯୪୩୭୯୦୩୩୪୦

Published & Owned by Sambad Sahitya Ghar, South Balanda, Talcher, Published From South Balanda, Talcher, Via - South Balanda, Dist- Angul, Pin- 759100, Mob: 9437903340, Editor- Dr.Prasant Kumar Rath, Bibhuti Bhusan Swain, Trinath Sahoo.